### କୋକସରାରେ କଳାହାଣ୍ଡି ବିକାଶ ପରିଷଦର କ୍ରାନ୍ତିଯାତ୍ରା

କୋକସରା,(ଡି.ଏନ.ଏ.): କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କ୍ରାନ୍ତିଯାତ୍ରା ଗତ ଡିସେମ୍ବର ୩୦ ତାରିଖରୁ ଭବାନୀପାଟଣାଠାରୁ ଆରମ୍ଭ ହୋଇଛି। ଏହି ପରିପେକ୍ଷୀରେ ବୁଧବାର କୋକସରା ବ୍ଲକ ଡିଗ୍ରୀ ମହାବିଦ୍ୟାଳୟରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ କ୍ରାନ୍ତିଯାତ୍ରା ପରିକ୍ରମା କରିଥିଲା। ଡ଼. ସୁନୀତି ମୁଣ୍ଡଙ୍କ ଅଧ୍ୟକ୍ଷତାରେ କଲେଜ ଅଧ୍ୟକ୍ଷ ଗୁଣାକାର ପଣ୍ଡା, ଅଧାପକ ପୁଷ୍ପରାଜ ମେହେର, ସୁବ୍ରତ ବେହେରା, ଅଇରୀ ନାସନ ଚିନ୍ଦାଙ୍କ ସମେତ ଛାତ୍ରୀଛାତ୍ର କ୍ରାନ୍ତିଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। କ୍ରାନ୍ତିଯାତ୍ରାରେ କୋକସରା ବ୍ଲକର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com



@ ବିକାଶ



@ ଧ୍ରୁବେନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସନବାହାଲିକୁ ହରାଇ ଦିଆମୁଣ୍ଡା ଚାମ୍ପିୟନ

**ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

କୋମନା,୧୧।୧(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ କୁସୁମପଡା ବୁଢାରଜା ଖେଳ ପଡିଆରେ ଚାଲିଥିବା କମଳା ଓ ଦୁର୍ଯ୍ୟୋଧନ ଛତ୍ରିଆ ମେମୋରିଆଲ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲରେ ସନବାହାଲିକୁ ହରାଇ ଦିଆମୁଣ୍ଡା ଦଳ ଚାମ୍ପିୟନ ହୋଇଛି। ସନବାହାଲି ଦଳ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୮ରନ ସଂଗ୍ରହ କରିଥିଲେ। ଦିଆମୁଣ୍ଡା ଦଳ ୫.୧ ଓଭରେ ୭୯ ରନ କରି ବିଜୟୀ ହୋଇଥିଲା। ଚାମ୍ପିୟନ ଓ ରନର୍ସଅଫ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ନିର୍ମଳ ମାଝି ଓ ମ୍ୟାନ ଅଫ ଦି ସିରିଜ ପିଣ୍ଟୁ ମାଝିଙ୍କୁ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀରେ ମୋହନ ଛତ୍ରିଆ ମୁଖ୍ୟଅତିଥି, ସମିତି ସଭ୍ୟ କନସନ ଧରୁଆ, ଦୁକାଲୁ ଅହିର, ଜୟରାମ ସୁନାନୀ, ଅନିଲ ବିଶି, କମଲ ପାଟକିନାରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗରୁଡ ଛତିଆ, ମାଧବ ଧରୁଆ, ଯୁଗେଶ୍ୱର ମାଝି, ସୁରେଶ ଅହିର, ରାଧେ ଅହିର, ନବୀନ ମାଝି, ବୋଦା ମାଝି, କିଷନ ଅହିର, କାହ୍ନା ଧରୁଆ, ଅଭିରାମ ହଂସ ପ୍ରମୁଖ ସହଯୋଗ କରିଥିଲେ।

# ତେଜିଲା ଜଳ ଆବଣ୍ଟନ ବିବାଦ

ନୂଆପଡ଼ା ଅଫିସ,୧୧।୧

ନୂଆପଡା ବ୍ଲକ ପତୋରା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ଜଳ ଆବଣ୍ଟନ ବିବାଦ ଦିନକୁ ଦିନ ତେଜିବାରେ ଲାଗିଛି। ତଳମୁଣ୍ଡ ଚାଷୀ ରବି ଚାଷ ପାଣି ପାଇଁ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିବା ବେଳେ ଉପରମୁଣ୍ଡ ଚାଷୀ ଜିରୋହେଡରୁ ପାଣି ଛଡାଯାଉ ବୋଲି ପତୋରା କେନାଲ ଉପରେ ଧାରଣାରେ ବସିଛନ୍ତି। ଜିଲା ପ୍ରଶାସନଙ୍କ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିବା ବେଳେ ପତୋରା କେନାଲ ଉପର ଧାରଣା ବର୍ତ୍ତମାନ ପର୍ଯ୍ୟନ୍ତ ଜାରି ରହିଛି। ଉଭୟ ପକ୍ଷକୁ ବୁଝାଇବାରେ ପ୍ରଶାସନ ନାକେଦମ ହୋଇଗଲାଣି। ସୂଚନାଯୋଗ୍ୟ ଯେ, ଅପରଜୋଙ୍କ ଜଳସେଚନ ପ୍ରକଳ୍ପ ଅଧୀନ ୧୬ ପାଣି ପଞ୍ଚାୟତ ରହିଛି। ୧ ରୁ ୫ ପର୍ଯ୍ୟନ୍ତ ଗୋଟିଏ ବର୍ଷ ପାଣି ଦିଆଗଲେ ଅନ୍ୟବର୍ଷ ୬ରୁ ୧୬ ପର୍ଯ୍ୟନ୍ତ ପାଣି ଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ଖରିଫରେ ୧ ରୁ ୫ ଉପରମୁଣ୍ଡ ଚାଷୀ ପାଣି ପାଇଛନ୍ତି। ଚଳିତ ରବି ଚାଷରେ ୬ରୁ ୧୬ ପର୍ଯ୍ୟନ୍ତ ତଳମୁଣ୍ଡ ଚାଷୀ ପାଣି ପାଇବା ନିୟମ ରହିଛି। ଗତ ୧ ତାରିଖରେ ରବି ଚାଷ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପରୁ ତଳମୁଣ୍ଡକୁ ପାଣି ଛାଡିଥିଲା। ଏହାକୁ ବିରୋଧ କରି ଉପରମୁଣ୍ଡ ଚାଷୀ ପତୋରା ମୁଖ୍ୟ କେନାଲ ପାଣି ବନ୍ଦ କରି ୧୧ ଦିନ ହେଲା ଧାରଣାରେ ବସିଛନ୍ତି। ଗତ ଡିସେମ୍ବର ୨୯ ତାରିଖରେ ଜିଲାପାଳ ଜାନୁୟାରୀ ୧ରୁ ପତୋରା ପାଣି ତଳମୁଣ୍ଡକୁ ଦିଆଯିବ ବୋଲି କହିଥିଲେ। ୧୧ ଦିନ ବିତିଯାଇଥିଲେ ମଧ୍ୟ ତଳମୁଣ୍ଡକୁ ପାଣି ନ ପହଞ୍ଚିବାରୁ ତଳମୁଣ୍ଡ ଚାଷୀ ବୁଧବାର ୩୫୩ ନମ୍ବର ଜାତୀୟ ରାଜପଥ ସିଲଦା ଛକଠାରେ ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ୬ ଘଣ୍ଟା ବନ୍ଦ ରହିଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ମୁଖ୍ୟରାସ୍ତାରେ ଶହ ଶହ ଭାରି ଯାନ ଅଟକି ରହିଥିଲା। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ରାମଚନ୍ଦ୍ର ଖାଡିଆ ଓ ସଦର ତହସିଲଦାର ଦେବେନ୍ଦ୍ର ରାଉତ ଅବରୋଧ ସ୍ଥଳକୁ ଯାଇ ଚାଷୀଙ୍କ ସହିତ ଆଲୋଚନା କରି ୪ ଦିନ ସମୟ ମାଗିଛନ୍ତି। ୪ ଦିନ ଭିତରେ ପାଣି ତଳମୁଣ୍ଡକୁ ନ ପହଞ୍ଚିଲେ ୫ମ ଦିନରେ ପୁଣି ରାସ୍ତା ଅବରୋଧ ହେବ ବୋଲି ରାଜେଶ ନିଗମ, ପ୍ରମୋଦ ସାହୁ,ପ୍ରେମଲାଲ ନାଏକ, ପବନ ସାହୁ ପ୍ରମୁଖ ଚାଷୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଉପରମୁଣ୍ଡ ଚାଷୀ ଜିରୋହେଡରୁ ପାଣି ଛଡା ନ ଗଲେ ଆମେ ଧାରଣାରୁ ଉଠିବୁ ନାହିଁ ବୋଲି ଅଡି ବସିଛନ୍ତି।



ତଳମୁଣ୍ଡ ଚାଷୀଙ୍କ ଜାତୀୟ ରାଜପଥରେ ଅବରୋଧ।



ଉପରମୁଣ୍ଡ ଚାଷୀମାନେ ଧାରଣା ଦେଇଛନ୍ତି।

**ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ**

- ତଳମୁଣ୍ଡ ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ
- ଉପରମୁଣ୍ଡ ଚାଷୀଙ୍କ କେନାଲ ଉପରେ ଧାରଣା

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ଭବାନୀପାଟଣା,୧୧।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ସଦର ମହକୁମା ଭବାନୀପାଟଣାଠାରେ ଆସନ୍ତା ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ଉପଜିଲାପାଳ ଡ଼ା. ବିଶ୍ୱଜିତ୍ ଦାସ, ସିଡିଏମଓ. ଡ଼ା. ରଞ୍ଜନ ମିତ୍ରଙ୍କ ସମେତ ଆମନ୍ତ୍ରିତ ବିଭିନ୍ନ ଶିକ୍ଷାନଷ୍ଠାନ କର୍ମକର୍ତ୍ତା, ଦିବସ ପାଳନ ସହ ସମ୍ପୃକ୍ତ ବିଭାଗ ଅଧିକାରୀ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଡିଆଇପିଆର୍‌ଓ ମନୋଜ କୁମାର ବେହେରା ଦିବସ ପାଳନ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ଏହି ଦିବସରେ ସକାଳ ୫ଟାରେ ରାମଧୂନ, ସକାଳ ୭ଟାରେ ପ୍ରଭାତ ଫେରି ସହ ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ସାଢ଼େ ୭ଟାରେ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ସାଢ଼େ ୮ଟାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହ ଉଦବୋଧନ କାର୍ଯ୍ୟକ୍ରମ ରହିଛି। ବିଭିନ୍ନ କାର୍ଯ୍ୟ ପାଇଁ ଅଧିକାରୀ ଏବଂ ଅନୁଷ୍ଠାନଙ୍କୁ ଦାୟିତ୍ୱ ଦିଆଯାଇଛି। ଚଳିତବର୍ଷ ବିଭିନ୍ନ ସ୍କୁଲ କଲେଜରୁ ୪୨ଟି ପ୍ଲାଟୁନ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

## ଜାଡେନ ଦେବୀଙ୍କ ଗୃହ ନିର୍ମାଣ ପାଇଁ ଭୂମି ପୂଜନ

ପଲମ/କର୍ଲାମୁଣ୍ଡା,୧୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ ଯୋରାଡବରା ଗ୍ରାମ ନିକଟ ମା' ଜାଡେନଙ୍କ ନୂତନ ଗୃହ ନିର୍ମାଣ ପାଇଁ ଭୂମୀ ପୂଜନ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋରାଡବରା ପଞ୍ଚାୟତ ୭ଖଣ୍ଡ ଗ୍ରାମର କନ୍ଧ ସମାଜର ବିଶିଷ୍ଟ ବ୍ୟକ୍ତି ଯୋଗଦାନ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଥମେ ଯୋରାଡବରା ଧରଣୀପିଠକୁ ଯାଇ କନ୍ଧ ସମାଜର ରୀତିନୀତି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା କରି ସେହିଠାରୁ ସମସ୍ତେ ଆସି ମା' ଜାଡେନଙ୍କ ପୀଠରେ ଏକତ୍ରିତ ଭାବେ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନାରେ ସମାଜ ସଭାପତି ଭୀମ ମାଝି, ସମ୍ପାଦକ ନନ୍ଦିକିଶୋର ମାଝି ଓ ସୁଶାନ୍ତ ଜାନୀ, ଜଳନ୍ଧର ଭୋଇ, ବାଦୁଲୁ ଜାନୀ, ଚୈତନ୍ୟ ଭୋଇ, ପୌଲସି ମାଝି, ଜ୍ୟୋତିକିଶୋର ମାଝି, ଧ୍ରେନ୍ଦ୍ର ମାଝି, ଚତୃଭୁଜ ଜାନୀ ପ୍ରମୁଖ ମା'ଙ୍କ ମନ୍ଦିର ନିର୍ମାଣ କରିବା ପାଇଁ ସମସ୍ତେ ଶପଥପାଠ କରିଥିଲେ।

## ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ

ଖଡ଼ିଆଳ,୧୧।୧(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ସମଲେଶ୍ୱରୀ ମନ୍ଦିରଠାରେ ଖଡ଼ିଆଳ ଯୁବା ମୋର୍ଚ୍ଚା ପକ୍ଷରୁ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଡ଼ିଆଳ ଯୁବରାଜ ଦେବଦେବ ପ୍ରସାଦ ସିଂଦେଓ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ପାଢ଼ୀ, ବିଜୟ ବାବୁ, ଚିତରୁ ସିଂଦେଓ, ପିଡବ୍ଲ୍ୟୁଡି କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ମାଝି, ଶିବାନୀ ସୋନି, ଯୁବାମଞ୍ଚ ସଭାପତି ଅଭିଳାଶ ସିଂଦେଓ, ଉପସଭାପତି ରିତେଶ ବାବୁ, ସମ୍ପାଦକ ପଞ୍ଚାନନ ସେଠି, ରଶ୍ମି ପାଣିଗ୍ରାହୀ, ସୁବୀର ସିଂଦେଓ, ଶିବପ୍ରକାଶ ଝା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୩୫ ବର୍ଷରୁ କମ ବର୍ଗରେ ୨୮ଟି ଏବଂ ୩୫ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ୧୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଏଥିରେ ସରୋଜ ପଣ୍ଡା, ସୌରଭ ପଣ୍ଡା, ତାପସ ପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ।




**इंडियन बैंक Indian Bank** इलाहाबाद ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଶାଖା/ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| **ପଟିଆ ଶାଖା** ଋଣଗ୍ରହୀତାମାନେ: (୧) ଶ୍ରୀ ପ୍ରଦୀପ୍ତ କୁମାର ସେନ୍, ପିତା: ଶ୍ରୀ ରାମଚନ୍ଦ୍ର ସେନ୍, (୨) ଶ୍ରୀମତୀ ଲିପିକା ଦାସ, ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍, ଉଭୟଙ୍କ ଠିକଣା: ସା-କାଞ୍ଚିଲୋ, ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା- ୭୫୨୧୦୧। | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୨୦/୭୪୬, ଖାତା ନଂ.୨୪୯/୨୪୦, ସବ୍ ପ୍ଲଟ ନଂ.୧୬, ମୌଜା: କାଞ୍ଚିଲୋ, ଥାନା: ବାଲିଅନ୍ତା, ଥାନା ନଂ.୨୦, ତହସିଲି/ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୩୬ ଡିସିମିଲି (୧୬୦୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୧୮୨୧୮୦୪୧୧୬, ତାରିଖ: ୨୯.୧୨.୨୦୧୮, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସବ୍ ପ୍ଲଟ ନଂ.୧୨ ଏବଂ ୧୩, ପୂର୍ବ- ସବ୍ ପ୍ଲଟ ନଂ.୧୭, ପଶ୍ଚିମ- ସବ୍ ପ୍ଲଟ ନଂ.୧୫। | ୦୪.୦୯.୨୦୨୨ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୦୭.୦୧.୨୦୨୩ | ଟ.୩୫,୮୯,୩୪୧.୭୭ + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ସିରିଲୋ ଶାଖା** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ମାସୁଦ୍ ଅଲି ଖାନ୍, ମେସର୍ସ କୋହିନୁର ପ୍ଲାଏ ଆସ୍ ବ୍ରିକ୍ସର ସତ୍ତ୍ୱାଧିକାରୀ, ପିତା: ୰ସେର୍ ଖାନ୍, **ଜାମିନ୍‌ଦାର: ଶ୍ରୀ ସହବାଜ ଅଲି ଖାନ୍**, ପିତା: ମାସୁଦ୍ ଅଲି ଖାନ୍, ଉଭୟଙ୍କ ଠିକଣା: ସା-ଧରାଧରପୁର, ପୋ.- ରଘୁନାଥପୁର, ଜିଲ୍ଲା-ଜଗତସିଂହପୁର-୭୫୪୧୩୨। | ଜମି ଏବଂ ଗୃହ ଯାହାର ଖାତା ନଂ.୩୪୦/୩୬, ପ୍ଲଟ ନଂ.୧୩୨୨, ଏରିଆ: ୦.୭୬ ଡିସିମିଲି (କିସମ-ଘରବାରି), ପ୍ଲଟ ନଂ.୧୩୫୩, ଏରିଆ: ୦.୧୪ ଡିସିମିଲି, ଏବଂ ପ୍ଲଟ ନଂ.୧୩୨୧, ଏରିଆ: ୦.୨୦ ଡିସିମିଲି (କିସମ ବିଆଳି ଦୁଇ ଫସଲି), ମୌଜା: କନ୍ଦରାପଟି, ଥାନା: ରଘୁନାଥପୁର ନଂ.୧୪୧, ତହସିଲି: ରଘୁନାଥପୁର ନଂ.୧୪୧, ଜିଲ୍ଲା-ଜଗତସିଂହପୁର, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଫତିମା ବିବି, ଦକ୍ଷିଣ- କ୍ରେତା ନିଜେ, ପୂର୍ବ- ଗୋଲକ ରାଉତ, ପଶ୍ଚିମ- ରାସ୍ତା। | ୧୯.୧୦.୨୦୨୨ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୦୭.୦୧.୨୦୨୩ | ଟ.୨୪,୦୦,୭୭୨/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ସହୀଦ ନଗର ଶାଖା** ଋଣଗ୍ରହୀତା: ଶ୍ରୀ ଲିଙ୍ଗରାଜ ପ୍ରଧାନ, ମେସର୍ସ ଲିଙ୍ଗରାଜ ସପ୍ଲାୟର ର ସତ୍ତ୍ୱାଧିକାରୀ, ବ୍ୟବସାୟ ଠିକଣା: ପ୍ଲଟ ନଂ. ଏଲବି-୨୯୬, ଭିମଟାଙ୍ଗି ଏଚ୍‌ବି କଲୋନୀ, ଫେଜ୍-୨, ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ବାସସ୍ଥାନ ଠିକଣା: ପ୍ଲଟ ନଂ.୩୩୦/୨୨୦୮, ଲିଙ୍ଗରାଜ ନଗର, ଲେନ୍ ୧୮, ଭିମଟାଙ୍ଗି, ଓଲ୍ଡ ଟାଉନ, ଭୁବନେଶ୍ୱର-୭୫୧୦୦୨, **ଜାମିନ୍‌ଦାର: ଶ୍ରୀମତୀ ସିପ୍ରା ସୁନ୍ଦରାୟ**, ସ୍ୱା: ଶ୍ରୀ ଲିଙ୍ଗରାଜ ପ୍ରଧାନ, ବାସସ୍ଥାନ ଠିକଣା: ପ୍ଲଟ ନଂ.୩୩୦/୨୨୦୮, ଲିଙ୍ଗରାଜ ନଗର, ଲେନ୍ ୧୮, ଭୁବନେଶ୍ୱର-୭୫୧୦୦୨। | ଶ୍ରୀ ଲିଙ୍ଗରାଜ ପ୍ରଧାନଙ୍କ ନାମରେ ଥିବା ବାସପୋଯୋଗୀ ସମ୍ପତ୍ତି ଯାହାର ପ୍ଲଟ ନଂ.୩୩୦/୨୨୦୮, ଖାତା ନଂ.୯୯୪/୧୪୦, ମୌଜା: ଭୁବନେଶ୍ୱର, ୟୁନିଟ୍ ନଂ.୨୭, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୦.୫୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୩୩୦(ପି), ପଶ୍ଚିମ- ରାସ୍ତା, ଉତ୍ତର- ପ୍ଲଟ ନଂ.୩୩୦(ପି), ଦକ୍ଷିଣ- ପ୍ଲଟ ନଂ.୨୯୭୩(ପି)। | ୨୬.୧୦.୨୦୨୨ | ୧୧.୦୧.୨୦୨୩ | ଟ.୪୬,୪୧,୩୩୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୧.୦୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ



**ଯୁବକଙ୍କ ଆତ୍ମହତ୍ୟା**

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପ୍ରଦୀପ ପସାୟତ। ପ୍ରଦୀପଙ୍କ ବଡଭାଇ ଦିଲୀପ ପଶାୟତ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି । ଦେଓଗାଁ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କଠୁ ୧.୩୮ ଲକ୍ଷ ଟଙ୍କା ଲୁଟ୍

ଦେଓଗାଁ,୧୧।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜଲିଆ ନିକଟ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଜନୈକ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ସରଜମିନ ତଦନ୍ତ କରିଥିବା ଥାନାଧିକାରୀ ତାରାବତୀ ପ୍ରଧାନ କହିଛନ୍ତି। ସୂଚନା ଅନୁସାରେ ବଲାଙ୍ଗୀର ଭାରତ ଫାଇନାନ୍ସର କ୍ଷେତ୍ର କର୍ମଚାରୀ ବିଜୟ ନାଗ ଜଲିଆ ଫଟାମୁଣ୍ଡା ଅଞ୍ଚଳରେ ଋଣ କିସ୍ତି ଅସୁଲ କରି ଫେରୁଥିବା ସମୟରେ ତିନି ଜଣ ଦୁର୍ବୃତ୍ତ ଏକ ନୀଳ ରଙ୍ଗର ପଲସରରେ ଆସି ଅତର୍କିତ ଭାବେ ବିଜୟଙ୍କୁ ଆକ୍ରମଣ କରି ୧ ଲକ୍ଷ ୩୮ ହଜାର ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ । ଦୁଇଦିନ ତଳେ ଉପରଝର-ଆଟଗାଁ ରାସ୍ତାରେ ବଲାଙ୍ଗୀର ପୂଜା ମେଡିସିନ ହୋଲସେଲରଙ୍କ ଦୁଇ କର୍ମଚାରୀ ଶୋଭାବନ ମିଶ୍ର ଓ କରୁଣାକର ନାଏକ ଔଷଧ ଦୋକାନମାନଙ୍କଠାରୁ ଟଙ୍କା ସଂଗ୍ରହ କରି ଫେରୁଥିବାବେଳେ ତିନି ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ୨୬ ହଜାର ୫୧୨ ଟଙ୍କା ଲୁଟି ନେଇଥିବା ଦେଓଗାଁ ଥାନାରେ ଅଭିଯୋଗ ହୋଇଥିଲା। ଲଗାତାର ଭାବେ ଦୁଇଟି ପୃଥକ ଲୁଟ୍ ଘଟଣା ଏବେ ପୋଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ ବୋଲି ସାଧାରଣରେ ଆଲୋଚନାର ବିଷୟ ହୋଇଛି।

### ୪୬ବୋତଲ କଫସିରପ ଜବତ, ୩ଗିରଫ

ଖପ୍ରାଖୋଲ,୧୧।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଦୁଇଟି ସ୍ଥାନରେ ଚଢ଼ାଉ କରି ୪୬ ବୋତଲ ଏସ କଫ ସିରଫ ଜବତ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ମଙ୍ଗଳବାର ରାତିରେ ଖପ୍ରାଖୋଲ ଥାନା ପାଟ୍ରୋଲିଂ ପୋଲିସ ବେଆଇନ କଫ ସିରପ ରଖିବା ଅଭିଯୋଗରେ ପାଟିମାଲର ଆନନ୍ଦ ପୁଟେଲ (୩୬), ରଣଧୀର ପାନିକା(୨୫)ଙ୍କଠାରୁ ୨୧ ବୋତଲ କଫ ସିରଫ ଜବତ କରିବା ସହ ଗିରଫ କରିଥିଲା। ସେହିପରି ପାଟଣାଗଡ ଥାନା ପଣ୍ଡାମୁଣ୍ଡା ଗାଁରେ ଚଢ଼ାଉ କରି ରମେଶ ବାଗ ( ୩୨)ଙ୍କଠାରୁ ୨୫ ବୋତଲ କଫ ସିରପ ଜବତ କରିବା ସହ ପୋଲିସ ତାଙ୍କୁ ଗିରଫ କରିଥିଲା।

### ଅଇଁଠା ଥାଳି ମାଜିଲେ ଛାତ୍ରୀ

ଦେଓଗାଁ,୧୧।୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲି ନିକଟସ୍ଥ କଲୋନୀ ଠାରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ଜଣେ ଛାତ୍ରୀ ଅଇଁଠା ଥାଳି ମାଜିବା ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରୀ ଜଣକ ଅଇଁଠା ଥାଳି ଧୋଇବା ନେଇ ଅଭିଭାବକକୁ ଛାତ୍ରୀ ଜଣକ ଜଣେଇଥିଲେ। ଏପରିକି ଜଣେ ଶିକ୍ଷୟିତ୍ରୀ ଅଇଁଠା ଥାଳି ଧୋଇବା ବିଷୟରେ ଯଦି ତୁମ ବାପା ମାକୁ କହିଲେ ବିଦ୍ୟାଳୟରୁ ବାହାର କରିଦେବି ବୋଲି ଧମକ ଦେଇଥିବା ଛାତ୍ରୀ ଜଣକ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ମାନେ ଦାବି କରିଛନ୍ତି ।

### ସଂଗଠନ ମଜଭୁତ କରିବାକୁ ଆହ୍ୱାନ

ମୁରିବାହାଲ,୧୧।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦି ଗ୍ରାମ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆ ନିକଟ କଲ୍ୟାଣ ମଣ୍ଡପରେ ଭାଜପା ହଳଦୀ ମଣ୍ଡଳ ପକ୍ଷରୁ ଏକ ପ୍ରବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମଣ୍ଡଳ ସଭାପତି ଈଶର ପୁଟେଙ୍କେ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବରଗଡ ଏମ୍‌ପି ସୁରେଶ ପୂଜାରୀ ଯୋଗଦେଇ ବୁଥସ୍ତରୀୟ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରିବା ଉପରେ ଯେ ଯୋର ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା ଉପସ୍ଥିତ ରହି ମଣ୍ଡଳ ଅନ୍ତର୍ଗତ ଅନ୍ତର୍ଗତ ୭ପଞ୍ଚାୟତରେ ଆଗାମୀ ୧୦ ଦିନ ମଧ୍ୟରେ ବିଭିନ୍ନ ମୋର୍ଚ୍ଚା କମିଟି, ପ୍ରତି ବୁଥ୍‌ରେ ୪୧ଜଣିଆ କମିଟି ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ମଣ୍ଡଳ ଉପସଭାପତି ସରୋଜ ବାଗ ଅତିଥି ପରିଚୟ ପ୍ରଦାନ, ମଣ୍ଡଳ ସାଧାରଣ ସମ୍ପାଦକ ସୁବାସ ପୋଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ନାଟକ ମନ, ଶରୀରକୁ ସୁସ୍ଥ ରଖେ’

**ବଲାଙ୍ଗୀର ଅଫିସ, ୧୧।୧**

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ବୁଧବାର ଥିଲା ଚତୁର୍ଥ ସନ୍ଧ୍ୟା। ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାନ୍ଧ୍ୟ ସଭାରେ ମୁଖ୍ୟଅତିଥି ଭାବେ ଭୀମ ଭୋଇ ମେଡିକାଲ କଲେଜ ଡିନ୍ ଡା ସବିତା ମହାପାତ୍ର, ସମ୍ମାନିତ ଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ହୋଇଥିଲେ। ମୁଖ୍ୟଅତିଥି ଡା ମହାପାତ୍ର ବ୍ୟସ୍ତବିବ୍ରତ ଜୀବନରେ ନାଟକ ବା ମନୋରଞ୍ଜନ କିଭଳି ଜରୁରୀ କହିଥିଲେ। ନାଟକର ମନୋରଞ୍ଜନ ଶରୀରକୁ ସୁସ୍ଥ ରଖେ ବୋଲି କହି ମଠଖାଇ ମହୋତ୍ସବ ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ନାଟ୍ୟଭୂଷଣ ଜଗଦାନନ୍ଦ ତାଙ୍କ ବକ୍ତବ୍ୟରେ ମଠଖାଇ ପାହାଡ ବଲାଙ୍ଗୀର ମାଁ ମାଟିକୁ ଆବହମାନ କାଳରୁ ଜଗି ରହିଛି। ମଠଖାଇ ନାଁରେ ନାଟକର ପରିକଳ୍ପନା ମଣିଷର ଯାବତୀୟ ଦୁଃଖ, ସୁଖର ସାଥୀ ହୋଇ ରହିଛି ବୋଲି କହି ମଠଖାଇ ମହୋତ୍ସବ କମିଟିକୁ ସାଧୁବାଦ ଜଣାଇଥିଲେ। ସଭାପତୀୟ ଅଭିଭାଷଣରେ ବିଧାୟକ ମିଶ୍ର ମଠଖାଇ ମହୋତ୍ସବକୁ ବଲାଙ୍ଗୀରବାସୀଙ୍କ ସମର୍ଥନକୁ ସେ ଭୂୟସୀ ପ୍ରଶଂସା କରି ଏହା ଆୟୋଜକଙ୍କୁ ଆହୁରି ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ମହିଳା ଶିକ୍ଷା ପ୍ରସାରିକା ସୁମତୀ ସାଙ୍କୁ ଅତିଥିମାନେ ମାନପତ୍ର, ଉପଢ଼ୌକନ ଏବଂ ଟ୍ରଫି ଦେଇ ମଠଖାଇ ସମ୍ମାନରେ ସମ୍ମାନିତ କରିଥିଲେ। ସଭାକୁ ରାଜୀବ ଲୋଚନ ଆଚାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ମହେନ୍ଦ୍ର ମଲ୍ଲିକ ମଞ୍ଚାସୀନ ଥିଲେ। ସଭା ପୂର୍ବରୁ ତୁଳସୀ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାଇଫୁଲ ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା। ଚତୁର୍ଥ ସନ୍ଧ୍ୟା ମଞ୍ଚକୁ ଦିବଙ୍ଗତ ଯୁବ କଳାକାର ଜ୍ୟୋତିରଞ୍ଜନ ପାଣିଗ୍ରାହୀଙ୍କୁ ସମର୍ପିତ କରାଯାଇଥିଲା।


ଅତିଥିମାନେ ବିଶିଷ୍ଟ ମହିଳା ଶିକ୍ଷା ପ୍ରସାରିକା ସୁମତୀ ସାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି।

**ସର୍ବଭାରତୀୟ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା**


କୋଶଲୀ ନାଟକ କିଞ୍ଚିତ ଭୋଗମ୍‌ର ଏକ ଦୃଶ୍ୟ।

## ମନ ମୋହିଲା କୋଶଲୀ ନାଟକ କିଞ୍ଚିତ୍ ଭୋଗମ୍

**ବଲାଙ୍ଗୀର ଅଫିସ, ୧୧।୧**

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଚର୍ଚ୍ଚିତ କୋଶଲୀ ନାଟକ କିଞ୍ଚିତ ଭୋଗମ୍ ମଞ୍ଚସ୍ଥ ହୋଇଛି। ନୂଆପଡା ଜିଲା ବୋଡେନ୍ କେରାପଦରର ନାଟ୍ୟାନୁଷ୍ଠାନ ଜ୍ଞାନୋଦୟ ପକ୍ଷରୁ ନାଟ୍ୟକାର ଡ କେଶରଞ୍ଜନ ପ୍ରଧାନଙ୍କ ରଚିତ ଏବଂ ରବିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶିତ ଚର୍ଚ୍ଚିତ କୋଶଲୀ ନାଟକ କିଞ୍ଚିତ ଭୋଗମ୍ ଦର୍ଶକଙ୍କୁ ବିମୋହିତ କରିଥିଲା। ବୋଡେନ୍ ଅଞ୍ଚଳର ପ୍ରାଚୀନ ଲୋକକଥା ଉପରେ ଆଧାରିତ ଏବଂ ପରୀକ୍ଷାମୂଳକ ଭାବେ ନାଟକରେ ସ୍ୱତନ୍ତ୍ର ଶୈଳୀର ନାଟ୍ୟାଭିନୟ ଦର୍ଶକଙ୍କ ହୃଦୟ ଜିଣିଥିଲା। ଛାତ୍ରୀଛାତ୍ରଙ୍କ ନିଖୁଣ ଅଭିନୟ ସହ ପ୍ରୌଢ଼ କଳାକାରଙ୍କ ଅନୁଭବ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ପ୍ରକୃତି ସହିତ ମଣିଷର ସମ୍ପର୍କ, ବାଘ, ସାପ ଓ ମୂଷିକ ରାଜଙ୍କ ପରେ ମଣିଷକୁ ନେଇ ଗତିଶୀଳ ଏହି ନାଟକରେ ପ୍ରକୃତି–ପଶୁ–ମଣିଷର ସମ୍ପର୍କ ଏବଂ ବଦଳୁଥିବା ଚରିତ୍ରକୁ ନିଖୁଣ ଭାବେ ଦର୍ଶାଯାଇଥିଲା। ନାଟକକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

## ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

**ଲାଠୋର, ୧୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡ଼ିଗ୍ରୀ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ବୁଧବାର ଅଧ୍ୟକ୍ଷ ପ୍ରସନ୍ନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ରଶ୍ମିରଞ୍ଜନ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଭବେ ଅଧ୍ୟାପକ ଭଗବାନ ଦାସ ଯୋଗଦେଇ ସତ୍ୟ କହିବା ଏକ ଛାତ୍ରର ଲକ୍ଷଣ ହେବା ଉଚିତ ବୋଲି କହିଥିଲେ। ଏହିକ୍ରମରେ ସେ ଆମେରିକାର ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ ଉଦାହରଣ ଦେଇଥିଲେ। ମୁଖ୍ୟ ଅତିଥି ହକି ବିଶ୍ୱ କପ ଆୟୋଜନ ଏକ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। ଏହି ଅବସରରେ ବିଶ୍ୱ କପ୍ ହକିର ଉଦଘାଟନୀ କାର୍ଯ୍ୟକ୍ରମ ପ୍ରୋଜେକ୍ଟର ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ପରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା କ୍ରୀଡ଼ାର ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ମୀରା ନାଗ ଏବଂ ବରୁଣ ମାଝିଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ମନ୍ଦାକିନି ପୋଢ ଏବଂ ଅଧ୍ୟାପକ ଆଶୁତୋଷ ସାହୁଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଖପ୍ରାଖୋଲ ଲୋକ ମହୋତ୍ସବରେ ପ୍ରଥମ ହୋଇ ଜିଲାସ୍ତରକୁ ଉନ୍ନିତ ହୋଇଥିବା ଫୁଲକିମୁଣ୍ଡା ଗ୍ରାମର ଶୌକିନ କଳା ପରିଷଦର ଯୁବତୀଯୁବକ ରସରକେଲି ଗୀତରେ ଡ୍ୟାନ୍ସ କରି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ଅଧ୍ୟାପକ ଭବାନିକାନ୍ତ ବଗର୍ତ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପକ କାହ୍ନୁଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ଉତ୍ସବରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### କ୍ଷୁଦ୍ର ବ୍ୟବସାୟ ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା, ୧୧।୧(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଏମଏସଏମଇ ବିଭାଗ ଆନୁକୂଲ୍ୟରେ ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ପରିସରରେ ବେକାର ଯୁବତୀଯୁବକଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ଲକ୍ଷ୍ମୀ ପଧାନ ଅଧ୍ୟକ୍ଷତା କରିଥିଲେ। ଆଇପିଓ ଜୟଦେବ ଦାସ ଅତିଥିଭାବେ ଯୋଗଦେଇ ରାଜ୍ୟରେ ବେକାରୀ ସମସ୍ୟାର ମୁକାବିଲା ପାଇଁ ଏମଏସଏମଇ ବିଭାଗ ନେଉଥିବା ପଦକ୍ଷେପ ପ୍ରସଙ୍ଗରେ ଉପସ୍ଥିତ ଯୁବତୀଯୁବକଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାବଲମ୍ବୀ ପାଇଁ ଉଦ୍ୟୋଗୀମାନେ କ୍ଷୁଦ୍ର ବ୍ୟବସାୟ ପାଇଁ ଆନଲାଇନରେ ଆବେଦନ କରି ସୁବିଧା ନେବାକୁ ପରାମର୍ଶ ଦେଇଥିଲେ।

### ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**କଣ୍ଟାବାଞ୍ଜି, ୧୧।୧(ଡି.ଏନ.ଏ.)**

ତୁରେକେଲା ବ୍ଲକ ଲର୍କି ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟ କୌଶିକ ମେହେର, ମୁଖ୍ୟବକ୍ତାଭାବେ ଜିଲା ସହପ୍ରମୁଖ ସରସ୍ୱତୀ ଶିଶୁ ମନ୍ଦିର ଲୋହିତ କୁମାର ଗଡତ୍ୟା ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ବିରଞ୍ଚି କୁମାର ପୁଟେଲ ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପରିଚାଳନା କମିଟି ସମ୍ପାଦକ ସୁନୀଲ ପାତ୍ର, ପ୍ରଧାନ ଆଚାର୍ଯ୍ୟ ସ୍ରୋତସ୍ୱିନୀ ହୋତା ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱକପ୍ ହକି ଉଦ୍‌ଘାଟନୀ ସମାରୋହ ଦେଖିବା ପାଇଁ ଭିଡ଼

**ଟିଟିଲାଗଡ, ୧୧।୧(ଡି.ଏନ.ଏ. )**

ବଲାଙ୍ଗୀର ଜିଲା ଟିଟିଲାଗଡରେ ବିଶ୍ୱ କପ୍ ହକିର ଉଦଘାଟନୀ ଉତ୍ସବ ଦେଖିବା ପାଇଁ ପ୍ରବଳ ଭିଡ ହୋଇଥିଲା। ପୌର ପରିଷଦର ସମସ୍ତ ୧୫ ୱାର୍ଡରେ ଏଲଇଡ଼ି ଲଗାଯାଇ ସିଧାପ୍ରସାରଣ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହା ବ୍ୟତୀତ ସହରର ୨ଟି ପ୍ରମୁଖ ସ୍ଥାନ ବିଜୁ ପଟ୍ଟନାୟକ ଛକ ନିକଟରେ ଥିବା ବିଆରସି ପରିସର ଓ ଆଇ ଲଭ ଟିଟିଲାଗଡ଼ ପାର୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏହି ଦୁଇଟି ସ୍ଥାନରେ ମନ୍ତ୍ରୀ ଟୁକୁନୀ ସାହୁ, ଉପଜିଲାପାଳ ଦୟାମୟ ପାଢ଼ୀ ଓ ପୌରପରିଷଦ ଅଧ୍ୟକ୍ଷା ମମତା ଜୈନ, ଉପାଧ୍ୟକ୍ଷା ପୁଷ୍ପମଞ୍ଜରୀ ଜାଲ, ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଉପଖଣ୍ଡ ସୂଚନାଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି, ତହସିଲଦାର ପ୍ରେମଲାଲ ହିଆଲ, ସହକାରୀ ଜିଲାପାଳ ଡ଼ ଲଳିତ ବାଗ, ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ଆଇଆଇସି ରଞ୍ଜନ କୁମାର ବରିହା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଟିଟିଲାଗଡ଼ ବ୍ଲକ ଓ ସମସ୍ତ ପଞ୍ଚାୟତରେ ବିଶ୍ୱକପ ହକିର ଉଦ୍‌ଘାଟନୀ ଉତ୍ସବର ସିଧାପ୍ରସାରଣ ଦେଖିବା ପାଇଁ ଆୟୋଜନ କରାଯାଇଥିଲା

## କ୍ଷେତରେ ଥିବା ଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଦେଓଗାଁ,୧୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କରୁଆଁଝର ଗ୍ରାମ ନିକଟ କ୍ଷେତରେ ଥିବା ସୁମନ ପଧାନଙ୍କ ଏକ ଘରକୁ ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି । ଦେଓଗାଁ ଦଳକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କଲାବେଳକୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି । ଏଥିପୂର୍ବରୁ ଗତ ୫ ତାରିଖରେ ମଧ୍ୟ କ୍ଷେତରେ ଥିବା ତାଙ୍କ ଘରେ ନିଆଁ ଲଗାଇ ଦିଆଯାଇଥିବା ସେ ଥାନାରେ ଅଭିଯୋଗ କରିଥିଲା। କିନ୍ତୁ ଅଭିଯୋଗକୁ ପୋଲିସ ହାଲୁକା ଭାବେ ନେବାରୁ ଦୁର୍ବୃତ୍ତମାନେ ପୁଣି ଅନ୍ୟ ଏକ ଘରକୁ ପୋଡି ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଦୁଇ ଦିନ ଭିତରେ ଦେଓଗାଁ ପୋଲିସ ଏ ଦିଗରେ ପଦକ୍ଷେପ ନ ନେଲେ ପରିବାର ସହ ଦେଓଗାଁ ଥାନା ସମ୍ମୁଖରେ ଧାରଣା ଦେବୁ ବୋଲି କହିଛନ୍ତି। ଥାନାଧିକାରୀ ତାରାବତୀ ପଧାନଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ବନ୍ଧପଡା ଫାଣ୍ଡି ଅଧିକାରୀକୁ କହିଛି ବୋଲି ପ୍ରକାଶ କରିଛନ୍ତି।

## ଗାନ୍ଧୀ ଷ୍ଟାଡିୟମରେ ହକି ବିଶ୍ୱକପ୍ ଲାଇଫ୍ ଷ୍ଟ୍ରିମିଂ ଶୋ


ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକରଙ୍କ ଉପସ୍ଥିତିରେ ଜଣେ କୁନି ଝିଅ ଆରାଧା ମିଶ୍ର ହକି ବିଶ୍ୱକପ କେକ୍ କାଟୁଛନ୍ତି।

**ବଲାଙ୍ଗୀର ଅଫିସ,୧୧।୧**

ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମ ସମେତ ଜିଲାର ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ହକି ବିଶ୍ୱକପ୍ ଉଦ୍ଘାଟନୀ କାର୍ଯ୍ୟକ୍ରମର ଟେଲିଭିଜନ୍ ସିଧାପ୍ରସାରଣକୁ ହଜାର ହଜାର ଦର୍ଶକ ଉପଭୋଗ କରିଛନ୍ତି। ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକର, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଏଡିଏମ୍ ମହେନ୍ଦ୍ର ମହାପାତ୍ର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ସିଆରପିଏଫ୍ କମାଣ୍ଡାଣ୍ଟ ପବନ ତିୱାରୀ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର, ଜିଲା କ୍ରୀଡା ସଂସଦ ସଦସ୍ୟ, କ୍ରୀଡାବିତ୍ ଓ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଜଣେ କୁନି ଝିଅ ଆରାଧା ମିଶ୍ରଙ୍କୁ ଡାକି ଜିଲାପାଳ ରାଣା ବିଶ୍ୱକପ ହକି କେକ୍ କାଟିଥିଲେ। ରଙ୍ଗାରଙ୍ଗ ଆତସବାଜିରେ ଗାନ୍ଧୀ ଷ୍ଟାଡିୟମ କମ୍ପି ଉଠିଥିଲା। ଜିଲା ପ୍ରଶାସନ ଏବଂ ମ୍ୟୁନିସିପାଲିଟି ପକ୍ଷରୁ ସହରର ବିକ୍ରମ ଛକ, ଟାଉନ୍ ହଲ ସମେତ ବିଭିନ୍ନ ଛକ, ଅଙ୍ଗନୱାଡି ସେଣ୍ଟର ଏବଂ ସ୍କୁଲ କଲେଜରେ ଲାଇଭ ଷ୍ଟ୍ରିମିଂ ଦେଖାଯାଇଥିଲା। ସେହିପରି ବିଭିନ୍ନ ବ୍ଲକ୍, ଗ୍ରାମପଞ୍ଚାୟତ, ଅନୁଷ୍ଠାନରେ ହକି ବିଶ୍ୱକପର ଉଦ୍ଘାଟନୀ ସିଧାପ୍ରସାରଣକୁ ହଜାର ହଜାର ଲୋକ ଦେଖିଥିଲେ। ଗାନ୍ଧୀ ଷ୍ଟାଡିୟମ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବାର୍ଷିକ ଉତ୍ସବ

**ଗୁଡ଼ଭେଲା,୧୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ବୁଧବାର ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତହସିଲଦାର ରବିନ୍ଦ୍ର କୁମାର ପଟେଲ, ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଳ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ସତ୍ୟଜିତ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷଦେବ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶାନ୍ତନୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦେଓଗାଁ ବ୍ଲକ ଓ ଗୁଡ଼ଭେଲା ବ୍ଲକର ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ମଞ୍ଚାସୀନ ଅତିଥି ବୃନ୍ଦ।

## ବଲାଙ୍ଗୀରରେ ହେବ ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍

**ବଲାଙ୍ଗୀର ଅଫିସ, ୧୧।୧**

ବଲାଙ୍ଗୀରର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ବ୍ୟାଡମିଣ୍ଟନ ଷ୍ଟାଡିୟମରେ ଆଗାମୀ ୧୩ତାରିଖରୁ ମିନି ଏବଂ ସବ୍‌ଜୁନିଅର ର୍ୟାଙ୍କିଂ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହେବ। ଆଗାମୀ ୧୫ ତାରିଖରୁ ଏଠାରେ ଓଡିଶା ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏଥିରେ ରାଜ୍ୟର ୩୫୦ ପ୍ରତିଯୋଗୀ ଭାଗନେବେ। ଜିଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମଠାରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରତିଯୋଗିତା ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ବଲାଙ୍ଗୀରରେ ପ୍ରଥମ ଥର ପାଇଁ ଓଡିଶା ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଆୟୋଜନ ହେବ। ରାଜ୍ୟର ୨୦୦ ବଛାବଛା ଖେଳାଳି ଏଥିରେ ଭାଗ ନେବେ। ବଲାଙ୍ଗୀରରେ ଏଭଳି ଏକ ମେଗା ଇଭେଣ୍ଟ ଆୟୋଜନ ହେଉଥିବାରୁ ଏହା ଏହି ଅଞ୍ଚଳର ଖେଳାଳି ଏବଂ ବ୍ୟାଡମିଣ୍ଟନ ପ୍ରେମୀଙ୍କୁ ନୂଆ ଉତ୍ସାହ ଯୋଗାଇବ ବୋଲି ସେ କହିଥିଲେ। ଉଭୟ ପୁରୁଷ ଓ ମହିଳା ବର୍ଗ ଖେଳାଳିମାନଙ୍କ ରହିବା ଓ ଖାଇବା ବନ୍ଦୋବସ୍ତ କରାଯାଇଛି। ବିଜୟ କୁମାର ବାଗ ସିନିୟର ଚାମ୍ପିୟନଶିପ୍‌ର ଚିଫ୍ ରେଫରି ତଥା ମ୍ୟାଚ କଣ୍ଟ୍ରୋଲର ରହିବେ। ସେହିପରି ୧୩ ତାରିଖରୁ ଓଡିଶା ରାଜ୍ୟ ୯ ଏବଂ ୧୧ ବର୍ଷ ବର୍ଗ ପାଇଁ ମିନି ଏବଂ ୧୫ ତଥା ୧୭ବର୍ଷ ବର୍ଗ ପାଇଁ ସବ୍‌ଜୁନିୟର ର୍ୟାଙ୍କିଂ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ସାରା ରାଜ୍ୟରୁ ପ୍ରାୟ ୧୫୦ ପ୍ରତିଯୋଗୀ ଭାଗ ନେବେ। ଲକ୍ଷପତି ନନ୍ଦ ଓ ଜୟନ୍ତ ମିଶ୍ର ଏହି ପ୍ରତିଯୋଗିତାର ରେଫରି ତଥା ମ୍ୟାଚ କଣ୍ଟ୍ରୋଲର ଦାୟିତ୍ୱ ତୁଲାଇବେ ବୋଲି ମଟାରୀ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ଗୋପାଳ ପଣ୍ଡା, ଉପସଭାପତି ପବିତ୍ର ବେହେରା, ଉପଦେଷ୍ଟା ବୀରେନ୍ଦ୍ର ମିଶ୍ର, ଜୋନାଲ କୋର୍ଡିନେଟର ଦେବାଶିଷ ମିଶ୍ର, ଭେନ୍ୟୁ ଇନଚାର୍ଜ ଅନନ୍ତ ବେହେରା ଓ ଫୁଡ୍ ଏକୋମୋଡେସନ୍ ଇନଚାର୍ଜ ମାନସ ମହାନ୍ତି ମଞ୍ଚାସୀନ ଥିଲେ। ଗତ ଅକ୍ଟୋବରରେ ଏହି ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟ ସବ୍‌ଜୁନିୟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ବଲାଙ୍ଗୀର ଜିଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ଚାମ୍ପିୟନଶିପ୍ ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଉଛି।

- ଭାଗ ନେବେ ୩୫୦ ପ୍ରତିଯୋଗୀ
- ୧୩ରୁ ମିନି ଓ ସବ୍‌ଜୁନିୟର, ୧୫ରୁ ସିନିୟର ପ୍ରତିଯୋଗିତା

## ସଂକ୍ଷେପରେ

### ମହିଳା ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

**ବରପାଲି, ୧୧।୧(ଡି.ଏନ.ଏ.):** ବରଗଡ ଜିଲା ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ମହାବିଦ୍ୟାଳୟ ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧାପକ ନୀତେଶ ତାଣ୍ଡିଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ କଟାପାଲିର ପ୍ରଫେସର ଘନଶ୍ୟାମ ଦାଶ, ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଯାଦବେନ୍ଦ୍ର ଥାଟି ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମିଳିତ ପଞ୍ଚାୟତ ଉଚ୍ଚ ମାଧମିକ ମହାବିଦ୍ୟାଳୟ ଅଧକ୍ଷ ଶ୍ରୀମୁଖ ସାହୁ ଯୋଗ ଦେଇ କ୍ରୀଡାର ଉପକାରିତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ କ୍ରୀଡା ଶାରୀରିକ ଅଭିବୃଦ୍ଧି ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅଧାପକ ସୁଧାଂଶୁ କୁମାର ଦାଶ ଯୋଗ ଦେଇଥିଲେ। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୧୦୦ ମିଟର, ୪୦୦ ମିଟର, ଲଙ୍ଗ ଜମ୍ପ, ହାଇଜମ୍ପ, ସ୍ଲୋ ସାଇକେଲ ଆଦି କ୍ରୀଡା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଜାଭେଲିନ ଥ୍ରୋ, ମ୍ୟୁଜିକ ଚେୟାର, ଶଟପୁଟ, ୮୦୦ ମିଟର ଦୌଡ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।

### ନୃସିଂହନାଥ କପ୍ କ୍ରିକେଟ: ସେମିରେ ପାଇକମାଳ

**ପାଇକମାଳ, ୧୧।୧ (ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ଏମଇ ସ୍କୁଲ ଖେଳ ପଡିଆରେ ନୃସିଂହନାଥ କପ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ବଡେଇ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଲୋହିତ କୁମାର ବାରିକ, ଅଧାପକ ପ୍ରଦୀପ୍ତ କୁମାର ସାହୁ, ସମାଜିକ କର୍ମୀ ସୁରଥ କୁମାର ସାହୁ, ବିବେକ କୁମାର ସିଂ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୁଶାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୃସିଂହନାଥ କପ କ୍ରିକେଟ ଟୁର୍ନାମେଣ୍ଟ ଯର୍ଶୀକୁ ଅତିଥିମାନେ ଉଦ୍‌ଘାଟନ କରଥିଲେ। ୫ଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରିବା କାର୍ଯ୍ୟ କ୍ରମ ରହିଛି । ପ୍ରଥମ ଖେଳ ପାଇକମାଳ ଓ କେନ୍ଦୁଭଙ୍ଗା ମଧରେ ହୋଇଥିଲା। ଏଥିରେ ପାଇକମାଳ ବିଜୟୀ ହୋଇଥିଲା । ୮ଟି ଦଳ ମଧରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ପାଇକମାଳ ଓ ଜମରତାଲା ମଧରେ ହୋଇଥିଲା। ପାଇକମାଳ ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ପରିଚାଳନା ବବୁଲୁ ସାହୁ ଓ ଆଦିତ୍ୟ ସାହୁ କରଥିଲେ।

### ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

**ବରପାଲି, ୧୧।୧(ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ଲକର ସ୍ୱେଚ୍ଛାସେବୀ ସଂଗଠନ ଫ୍ରେଣ୍ଡସ ଏ ହୋପ ପକ୍ଷରୁ କନବାର ଓ ବାଗବାଡି ପଞ୍ଚାୟତର ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି। ଅସହାୟ ଅବସ୍ଥାରେ ଏକୁଟିଆ ଥିବା ବାଗବାଡି ଗ୍ରାମର ପଦ୍ମନାଭ ପଟେଲ, ଯୁଳଟ ଗ୍ରାମର ଅଞ୍ଜନା ବାଗ, ପୂଟୁରୁପାଲି ଗ୍ରାମର ପିଛଲୁ ଭୂଏ ଓ କନବାର ଗ୍ରାମର ଜଣେ ବୃଦ୍ଧଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସଂଗଠନ ପ୍ରତିଷ୍ଠାତା ଅମିତ ନାୟକ, ରାଜେଶ ବିଶି, ନିରଞ୍ଜନ ଭୋଇ, ପ୍ରକାଶ ଖମାରୀ, ଆଶୁତୋଷ ବିଶି, ଧୃରେନ ବିଶାଳ, ଶିକନ ବିଶି, ରୋଷନ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

# ଅବଧି ସରିଲାଣି: ୧୦ ପ୍ରତିଶତ କାମ ସରିନି



ପୋର୍ଟାଲ ଫ୍ରେମ୍ ବ୍ରିଜ୍ ନିର୍ମାଣ ପାଇଁ ମହାନଦୀ କୂଳରେ ପିଅର ପଏଣ୍ଟ ନିର୍ମାଣ ଚାଲିଛି ।

- ରିଂ ରୋଡ୍‌ର ପୋର୍ଟାଲ ଫ୍ରେମ୍ ବ୍ରିଜ୍
- ୨୦୨୫ ପୂର୍ବରୁ ସମ୍ପୂର୍ଣ୍ଣ ନେଇ ସନ୍ଦେହ

**ସୋନପୁର,୧୧।୧(ନି.ପ୍ର.)**

ସୁବର୍ଣ୍ଣପୁର ସହର ରିଂ ରୋଡ୍‌ର ପୋର୍ଟାଲ ଫ୍ରେମ୍ ବ୍ରିଜ୍ କାମ ମନ୍ଥର ଗତିରେ ଚାଲିଛି। କାମ ଯେଭଳି ଢଙ୍ଗରେ ଚାଲିଛି ୨୦୨୫ ମସିହା ପୂର୍ବରୁ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ନିର୍ମାଣକୁ ନେଇ ସହରବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହାରି ଭିତରେ ଠିକା ସଂସ୍ଥାର ଚୁକ୍ତିନାମା ଅବଧି ସରିଛି। ହେଲେ ୧୦ ପ୍ରତିଶତ କାମ ସରିନି। ନିର୍ମାଣ ଅବଧି ବୃଦ୍ଧି କରିବା ପାଇଁ ଠିକାସଂସ୍ଥା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଆବେଦନ କରିଛି। ସେପଟେ ବ୍ରିଜ୍ କାମ ସମ୍ପୂର୍ଣ୍ଣ ନ ହେବାରୁ ରିଂ ରୋଡ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଯାନବାହନଗୁଡିକ ସହର ମଧ ଦେଇ ମାଲ୍ ପରିବହନ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

ନଦୀକୂଳିଆ ସହର ସୁବର୍ଣ୍ଣପୁର। ତିନି ପଟୁ ମହାନଦୀ ଓ ତେଲନଦୀ ଘେରି ରହିଛି। ସହରକୁ ବର୍ଷାଋତୁରେ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ନଦୀବନ୍ଧ ନିର୍ମାଣ ସକାଶେ ତତ୍କାଳୀନ ସୋନପୁର ରାଜା ବୀରମିତ୍ରୋଦୟ ସିଂହଦେଓ ସଙ୍କଳ୍ପ ନେଇଥିଲେ। ଏଥିପାଇଁ ପାଣ୍ଠିର ବ୍ୟବସ୍ଥା ସହ ଉଭୟ ନଦୀ କୂଳରେ ମାଙ୍କଡା ଓ ମୁଗୁନି ପଥରରେ ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର କୌଣସି କାରଣରୁ ତାହା ସମ୍ପୂର୍ଣ୍ଣ ହୋଇ ପାରି ନଥିଲା। ସୁବର୍ଣ୍ଣପୁର ନୂତନ ଜିଲା ହେବା ପରେ ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରିଂ ରୋଡ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୧୧ ମସିହାରୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଉଭୟ ନଦୀ ଆଡିରେ ମାଟି ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମଝିରେ ସରକାର ଅନୁଦାନ ନ ଦେବା ଓ ରିଂ ରୋଡ୍‌ର ମିସିଂ ଲିଙ୍କ୍ ପୋର୍ଟାଲ ବ୍ରିଜ୍‌ର ଡିଜାଇନିଂ ହୋଇ ନ ପାରିବା କାରଣରୁ ଦୀର୍ଘ ୪ ବର୍ଷ କାମ ବନ୍ଦ ଥିଲା । ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଜଳସମ୍ପଦ ବିଭାଗର ମନ୍ତ୍ରୀ ଥିବା ବେଳେ ଜଳ ସମ୍ପଦ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ଏହି କାମ ହସ୍ତାନ୍ତର କରାଯାଇଥିଲା। ପୂର୍ତ୍ତ ବିଭାଗ ରିଂ ରୋଡର ମହାନଦୀ ବ୍ରିଜ୍‌ରୁ ୧୫୦୦ ମିଟର ରାସ୍ତା ଓ ତେଲନଦୀ ବ୍ରିଜ୍‌ରୁ ବଡବଜାର ପର୍ଯ୍ୟନ୍ତ ୨୪୦୦ମିଟର ରାସ୍ତା ପିଚୁ କରିବା ସହିତ ରିଟେନିଂ ୱାଲ ଓ ୨ଟି ପୋଲ ନିର୍ମାଣ ସମ୍ପୂର୍ଣ୍ଣ କରିଛି । ତେବେ ରିଂ ରୋଡର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପୋର୍ଟାଲ ଫ୍ରେମ୍ ବ୍ରିଜ୍ ନିର୍ମାଣ କାମ ବିଳମ୍ବିତ ହେଉଛି। ରିଂ ରୋଡର ମିସିଂ ଲିଙ୍କ କୁମ୍ଭାରପଡାରୁ ଦଶମତି ଘାଟ ୧୧୫୦ ମିଟର ଲମ୍ବ ରାସ୍ତା(ପୋର୍ଟାଲ ଫ୍ରେମ୍ ବ୍ରିଜ୍) ହେବ। ଏଥିପାଇଁ ୪ ବର୍ଷ ୩ ମାସ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ୫୬ କୋଟି ୯ ଲକ୍ଷ ୮୩ ହଜାର ଟଙ୍କାର ଟେଣ୍ଡର ହୋଇଥିଲା। ବ୍ରିଜ୍ ପାଇଁ ମୋଟ ୪୫ଟି ପିଅର ପଏଣ୍ଟ ନିର୍ମାଣ ହେବ। ଚୁକ୍ତିନାମା ଅନୁଯାୟୀ ୨୦୨୨ ଡିସେମ୍ବରରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା । କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୭ଟି ପିଅର ନିର୍ମାଣ ହୋଇଛି। ପିଅର ନିର୍ମାଣ ପାଇଁ ଡିଜାଇନିଂରେ ପରିବର୍ତ୍ତନ କାରଣରୁ ବିଳମ୍ବ ହେଉଛି । ପୂର୍ବରୁ ଓପନ ଫାଉଣ୍ଡେଶନ ପାଇଁ ଡିଜାଇନ ହୋଇଥିଲା, ଏଥିରେ ପରିବର୍ତ୍ତନ କରାଯାଇ ପାଇଲ ଫାଉଣ୍ଡେଶନରେ ପିଅର ନିର୍ମାଣ ହେଉଛି। ଆଶ୍ଚର୍ଯ୍ୟର କଥା ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ୩୫ଟି ପିଅରର ଡିଜାଇନିଂ ଦିଆଯାଇଛି। ଭୁବନେଶ୍ୱରସ୍ଥିତ ପୂର୍ତ୍ତ ବିଭାଗର ଚିଫ୍ ଇଞ୍ଜିନିୟରିଂ ଅଫିସରୁ ଡିଜାଇନ ଆସିବାରେ ସମୟ ଅତିକ୍ରାନ୍ତ ହେଉଛି ।

**ରିପୋର୍ଟ–ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର**

### ଏମାନେ ଯାହା କୁହନ୍ତି...



“ବର୍ତ୍ତମାନର ଟେକ୍ନୋଲୋଜି ଯୁଗରେ ସମୁଦ୍ର ଭିତରେ ନିର୍ମାଣ କାର୍ଯ୍ୟ ହୋଇପାରୁଛି। କମ୍ ସମୟ ଭିତରେ ଦେଶରେ ବହୁତ ବଡ ପ୍ରକଳ୍ପ ନିର୍ମାଣ ହେଉଛି। କିନ୍ତୁ ସୋନପୁର ରିଂ ରୋଡ୍ କାର୍ଯ୍ୟ ୧୨ ବର୍ଷ ପରେ ବି ସମ୍ପୂର୍ଣ୍ଣ ହୋଇପାରୁନାହିଁ। କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଜଳ ସମ୍ପଦ ବିଭାଗ ଏହି କାର୍ଯ୍ୟକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲା। ଆଶା ଥିଲା କାର୍ଯ୍ୟ ଶୀଘ୍ର ସରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଏହି କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ମାତ୍ର ଯେଭଳି ଭାବେ କାର୍ଯ୍ୟ ଚାଲିଛି ତାହା କେବେ ସରିବ ତାହା କଳ୍ପନା ବାହାରେ। କାର୍ଯ୍ୟ ତ୍ୱରାନ୍ୱିତ ନ ହେଲେ ଆନ୍ଦୋଳନ କରାଯିବ।

**–ପ୍ରମୋଦ କୁମାର ମହାପାତ୍ର, ଜିଲା ସଭାପତି, ଭାଜପା**



“ରିଂ ରୋଡ୍ ସହରବାସୀଙ୍କ ପାଇଁ ଲାଇଫ ଲାଇନ୍ ସଦୃଶ । ମଝିରେ ସରକାର ଅନୁଦାନ ନ ଦେବାରୁ କାର୍ଯ୍ୟ ବନ୍ଦ ଥିଲା। ଏବେ ଅନୁଦାନ ଥାଇ କାର୍ଯ୍ୟ ହେଉନି। ଠିକାସଂସ୍ଥା ଟେଣ୍ଡର ପାଇବାର ବହୁ ବିଳମ୍ବରେ କାର୍ଯ୍ୟ କରିବା ପାଇଁ ଚୁକ୍ତିନାମା କଲେ। ଟେଣ୍ଡର ପାଇ ବସି ରହିଲେ। ଠିକାସଂସ୍ଥା ଯେତେବେଳେ କାମ କରିବା ପାଇଁ ଚାହିଁଲା ପୂର୍ତ୍ତ ବିଭାଗ ଡିଜାଇନିଂ ଦେବାରେ ଅଯଥା ବିଳମ୍ବ କରୁଛି। ନିର୍ବାଚିତ ଲୋକ ପ୍ରତିନିଧି, ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏହି କାର୍ଯ୍ୟ ପ୍ରତି ଯେତିକି ଗୁରୁତ୍ୱ ଦେବା କଥା ତାହା ଦେଖିବାକୁ ମିଳୁନି।

**–ଭାଗୀରଥି ମିଶ୍ର, କାଉନସିଲର**



“ସହରର କୌଣସି କାମ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରୁନି। ୪ ଥାକିଆ ରାସ୍ତା କାମ ହେଉ କିମ୍ବା ରିଂ ରୋଡ୍‌। ଏଥିପାଇଁ ସରକାର ଓ ଜିଲା ପ୍ରଶାସନ ହିଁ ଦାୟୀ। ଏଆର୍‌ଏସ୍‌ଏସ୍ ଠିକା ସଂସ୍ଥା ପୋର୍ଟାଲ ଫ୍ରେମ୍ ବ୍ରିଜ୍ ନିର୍ମାଣ ପାଇଁ ୨୦୧୮ ନଭେମ୍ବର ମାସରୁ ଟେଣ୍ଡର ପାଇଛି। ଚୁକ୍ତିନାମା ଅନୁଯାୟୀ ବର୍ତ୍ତମାନ କାମ ସରିଯିବା କଥା। ମାତ୍ର ଏହାର କାମ କିଛି ମାସ ପୂର୍ବରୁ ଆରମ୍ଭ ହୋଇଛି। ବ୍ରିଜ୍ କାମ ନ ହେଲେ ରିଂ ରୋଡର କିଛି ମୂଲ୍ୟ ନାହିଁ। ସରକାରଙ୍କ ବହୁ କୋଟି ଟଙ୍କା ପାଣିରେ ପଡିବ। ତେଣୁ ଠିକାସଂସ୍ଥା, ପ୍ରଶାସନ ଓ ପୂର୍ତ୍ତ ବିଭାଗର ନିଦ ଭାଙ୍ଗିବା ପାଇଁ ସହରବାସୀଙ୍କୁ ନେଇ ଆନ୍ଦୋଳନ କରାଯିବ।

**–ଗୋବିନ୍ଦ ମହାରଣା, ବାମପନ୍ଥୀ ନେତା**

### ଜିଲାସ୍ତରୀୟ ନିଯୁକ୍ତି ମେଳା

**ବରଗଡ଼ ଅଫିସ୍,୧୧।୧**

ବରଗଡ଼ ଜିଲା ଅତାବିରା କଲେଜରେ ବୁଧବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ନିୟୋଜନ ଅଧିକାରୀ ବିଦ୍ୟୁତପ୍ରଭା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନଯୁକ୍ତି ମେଳାରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଅତାବିରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ବିଡ଼ିଓ ପ୍ରମୋଦ ମେହେର, ଅତାବିରା କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଉକ୍ତ ମେଳାରେ ବିଭିନ୍ନ ୩୨ କମ୍ପାନୀର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆଶାୟୀମାନେ ଯୋଗ୍ୟତା ଭିତ୍ତିରେ ବିଭିନ୍ନ କମ୍ପାନୀରେ ଚାକିରି ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଅମ୍ବାଭୋନା ବ୍ଲକର ୧୫, ବରପାଲି ବ୍ଲକର ୨୪, ଭଟଲି ବ୍ଲକର ୧୫, ଭେଡ଼େନ ବ୍ଲକର ୬୫, ଅତାବିରା ବ୍ଲକର ୩୫୧, ଗାଇସିଲେଟ ବ୍ଲକର ୩, ସୋହେଲା ବ୍ଲକର ୧୮୫, ପଦ୍ମପୁର ବ୍ଲକର ୨, ବିଜେପୁର ବ୍ଲକର ୬ଜଣ ରହିଛନ୍ତି। ଦକ୍ଷତା ଅନୁଧ୍ୟାନ କରି ଆଶାୟୀଙ୍କୁ ଚାକିରି ଦିଆଯିବ। ଚାକିରି ପୂର୍ବରୁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି ।

### ହକି ବିଶ୍ୱକପ୍ ପାଇଁ ରଙ୍ଗୋଲି ପ୍ରତିଯୋଗିତା

**ପଦ୍ମପୁର, ୧୧।୧(ଡି.ଏନ.ଏ.)**

ହକି ବିଶ୍ୱ କପ୍ ଉଦ୍‌ଘାଟନୀ ଅବସରରେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ କୁଧରେନପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଦ୍ୟାଳୟ ଛାତ୍ରୀଛାତ୍ର ହକିକପ, ହକିଷ୍ଟିକ, ବଲ, ଲୋଗୋ, ଝୋଟିବିଦ୍ୟାଳୟ ପରିସରରେ ଅଙ୍କନ କରିଥିଲେ।

# ଛବିଳ ମଧୁ ବର୍ଣ୍ଣବୋଧ ପଠନ ଗୁରୁତ୍ୱପୂର୍ଣ୍ଣ

**ବରଗଡ଼ ଅଫିସ୍,୧୧।୧**



ଅତିଥିବୃନ୍ଦ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ କରୁଛନ୍ତି।

ଓଡ଼ିଆ ଭାଷା ଜ୍ଞାନ ଆହରଣ ଓ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ କଟକ ଜିଲା ହଲଦୀ ବସନ୍ତ ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ ବେହେରାଙ୍କ ନିଜସ୍ୱ ଉଦ୍ୟମରେ ସମଗ୍ର ଓଡ଼ିଶାରେ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ କରାଯାଉଛି। ବୁଧବାର ବରଗଡ଼ ରାଣାପ୍ରତାପ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୁସ୍ତକ ବଣ୍ଟନ ଉତ୍ସବରେ ଯୁଗୋପଯୋଗୀ ଶିଶୁ ସାହିତ୍ୟ ପତ୍ରିକା ସୁବର୍ଣ୍ଣଦୀପର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ମୁଖ୍ୟଅତିଥି, ଶିକ୍ଷୟିତ୍ରୀ ଗୀତା ଜାଲ, ଶିକ୍ଷକ ଡାକ୍ତର ଜାଲ ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ପ୍ରତି ପ୍ରାଥମିକ ଶିକ୍ଷାସ୍ତରରେ ଛବିଳ ମଧୁ ବର୍ଣ୍ଣବୋଧର ଆବଶ୍ୟକତା, ଗୁରୁତ୍ୱ ଉପରେ ଅତିଥିବୃନ୍ଦ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅନ୍ୟ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।

# ଶରୀର ଦାନ ସଚେତନତା ଶୋଭାଯାତ୍ରା




ବରପାଲିରେ ବାହାରି ଥିବା ଶରୀର ଦାନ ସଚେତନତା ରାଲି।

**ବରପାଲି, ୧୧।୧(ଡି.ଏନ.ଏ.)**

ଶରୀର ଦାନ ମହାନ ଦାନ ସ୍ଲୋଗାନ ଦେଇ ବୁଧବାର ବରଗଡ ଜିଲା ବରପାଲିରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ବରପାଲି ମାରୱାଡ଼ି ମହିଳା ସମିତି ଆନୁକୂଲ୍ୟରେ ସ୍ଥାନୀୟ ମାରୱାଡ଼ି ଧର୍ମଶାଳାଠାରେ ଅଙ୍ଗଦାନ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ମାରୱାଡ଼ି ମହିଳା ସମିତି ଅଧକ୍ଷ୍ୟା ସନ୍ତୋଷ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଗୌରହରି ମିଶ୍ର, ରକ୍ଷାକାରୀ ବିଶି ମଞ୍ଚାସୀନ ଥିଲେ। ଏହି ବୈଠକରେ ଅଶୋକ କୁମାର ପଣ୍ଡା ଓ ସନ୍ତୋଷ ଅଗ୍ରୱାଲ ଚକ୍ଷୁଦାନ, ଲୀଳାବତୀ ତ୍ରିପାଠୀ, ସୁନୀତା ମୁଣ୍ଡ, ଧର୍ମ ରାଜ ସିଂ ବରିହା ଶରୀର ଦାନ ପାଇଁ ଘୋଷଣା କରିଥିଲେ। ବୈଠକ ପରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ବରପାଲି କଲେଜର ଛାତ୍ରୀଛାତ୍ର, ଲିଟଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲ ଏନସିସି କ୍ୟାଡେଟଙ୍କ ସହ ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ମହିଳା ସମିତି ସଭାପତି ସନ୍ତୋଷ ଅଗ୍ରୱାଲ, ଉପସଭାପତି କିରଣ ଅଗ୍ରୱାଲ, ସମ୍ପାଦିକା ମମତା ଅଗ୍ରୱାଲ, କଙ୍ଗନ ଅଗ୍ରୱାଲ, ପୁଷ୍ପା ଅଗ୍ରୱାଲ, ଅଙ୍ଗୁରି ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିଲେ।

# ନିଆରାଭାବେ ହକି ବିଶ୍ୱକପ୍‌କୁ ସ୍ୱାଗତ



ବରଗଡ଼ ସରକାରୀ ମହିଳା କଲେଜରେ ହକି ବିଶ୍ୱକପ୍‌କୁ କଂସ ଅଭିନେତା ସ୍ୱାଗତ କରୁଛନ୍ତି ।

**ବରଗଡ଼ ଅଫିସ୍,୧୧।୧**

ବରଗଡ଼ ସରକାରୀ ମହିଳା କଲେଜରେ ବୁଧବାର ପୁରୁଷ ବିଶ୍ୱକପ୍ ହକିକୁ ନିଆରାଭାବେ ସ୍ୱାଗତ କରାଯାଇଛି। ଛାତ୍ରୀମାନେ କଲେଜ ପରିସରରେ ରଙ୍ଗୋଲି ଅଙ୍କନ କରିଥିବାବେଳେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ହୃଷିକେଶ ଭୋଇ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦାନ କରିଥିଲେ। କଂସ ବେଶଭୂଷାରେ ଆସି କଲେଜ କର୍ତ୍ତୃପକ୍ଷଙ୍କ ଏଭଳି ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ଏହା ସହିତ କଂସ ଅଭିନେତା ଭୋଇ ନିଜ ସଂଳାପ ମାଧ୍ୟମରେ ହକି ବିଶ୍ୱକପ୍ ଏଥର ଯେଭଳି ଭାରତରେ ହିଁ ରହିବ, ସେଥିପାଇଁ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମଚାରୀ, ଛାତ୍ରୀ ଏବଂ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ସାମିଲ ଥିଲେ। ଏଠାରେ ଉଲ୍ଲେଖନୀୟ, ହକି ବିଶ୍ୱକପ୍ ପରିକ୍ରମାବେଳେ ଧନୁଯାତ୍ରା ସମୟରେ କଂସ ଦରବାରକୁ ପହଞ୍ଚିଥିଲା। ସେତେବେଳେ ମଧ୍ୟ କଂସ ମହାରାଜ ଏଭଳି ଶୁଭ କାମନା କରିଥିଲେ ।

### ଆୟୁର୍ବେଦ ମହାବିଦ୍ୟାଳୟର ଏନଏସଏସ ଶିବିର

**ପାଇକମାଳ, ୧୧।୧ (ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ଜର୍ଜଗଡ଼ରେ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ତରଫରୁ ଶୀତଦିନିଆ ଏନଏସଏସ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ମୁଖ୍ୟ ଅତିଥିଭାବେ ପାଇକମାଳ ବିଡ଼ିଓ ସୁରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ସମ୍ପାଦକ ମନୋଜ ତ୍ରିବେଦୀ, ଡାକ୍ତର କାମିନୀ କର, ପୁରୁଷୋତ୍ତମ ପ୍ରଧାନ, ବଡ ଶତପଥି, ବିଭୁତି ମୁଣ୍ଡ, ଗୌରାଙ୍ଗ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୋଗ୍ରାମ ଅଧିକାରୀ ଡା. ଯଶୋବନ୍ତ ସାହୁ, ଡା. ମନୋଜ ବେହେରା ଏହି ଶିବିର ୭ ଦିନ ଧରି ଚାଲିବା ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି କହିଥିଲେ।

# ଫାଇନାଲରେ ଏନ୍‌ଏନ୍‌ଏସ୍ ଆଲ୍ଲାହାବାଦ

## ସର୍ବଭାରତୀୟ ବୋରାସମ୍ବ କ୍ରିକେଟ

**ପଦ୍ମପୁର, ୧୧।୧(ଡି.ଏନ.ଏ.)**




ମ୍ୟାନ ଅଫ୍ ଦି ମ୍ୟାଚ ଆଲ୍ଲାହାବାଦର ମହମଦ ତୁମରଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆଠାରେ ଚାଲିଥିବା ୨୭ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ ଟୁର୍ନାମେଣ୍ଟର ବୁଧବାର ଏନଏନଏସ ଆଲ୍ଲାହାବାଦ ଓ ଆର୍‌ୱାଇସିସି ରାଉରକେଲା ମଧରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆଲ୍ଲାହାବାଦ ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୩୫ ଓଭରରେ ୯ଉଇକେଟ ବିନିମୟରେ ୧୮୫ ରନ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ଦଳ ୩୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୬୬ ରନ କରିଥିଲା। ଫଳରେ ୧୯ ରନରେ ଆଲ୍ଲାବାଦ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଉଦ୍‌ଯାପିତ ସନ୍ଧ୍ୟାରେ ବୋରାସମ୍ବର ସ୍ପୋଟିଂର ବିକାଶ କୁମାର, ସରଜୁ ପଟ୍ଟନାୟକ ଓ ଦୀପକ ଜୟପୁରିଆଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଟ୍ରକ ମାଲିକ ସଂଘ ସମ୍ପାଦକ ହେମନ୍ତ ପଟ୍ଟନାୟକ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଭାବରେ ଆଲ୍ଲାହାବାଦର ମହମ୍ମଦ ତୁମରଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତା ୧୫ ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆଜିର ମ୍ୟାଚକୁ ବିଶ୍ୱମ୍ବର ମହାକୁଡ ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ଗୁରୁବାର ପୁଲ ବି ର ପ୍ରଥମ ମ୍ୟାଚ ୟୁନିୟନ ସ୍ପୋଟିଂ କଟକ ଓ ଭାଇଜାକ କ୍ରିକେଟ ଟିମ ବିଶାଖାପାଟଣା ମଧରେ ଅନୁଷ୍ଠିତ ହେବ।

# ପଡ଼ାବାସୀଙ୍କ ଅନଶନ ଚେତାବନୀ

## ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ବିବାଦ

**ବରଗଡ଼ ଅଫିସ୍,୧୧।୧**



ପଡ଼ାବାସୀ ଅନଶନ ଚେତାବନୀ ନୋଟିସ୍ ଦେଖାଉଛନ୍ତି ।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଅନ୍ତର୍ଗତ ଝିଟିକି ଗ୍ରାମର ଜଡ଼ାମୁଣ୍ଡା ପଡ଼ାର ଅନୁସୂଚିତ ଜନଜାତି ପରିବାର ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ବିବାଦକୁ କେନ୍ଦ୍ର କରି ଜିଲାପାଳଙ୍କ ଅଫିସ ଆଗରେ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ଉକ୍ତ ପଡ଼ାରେ ଦୀର୍ଘବର୍ଷ ଧରି ଅଙ୍ଗନୱାଡ଼ି କେନ୍ଦ୍ର ଚାଲି ଆସୁଥିଲା। ଗତ ୨ବର୍ଷ ତଳେ ଏହି କେନ୍ଦ୍ରର ଏକ ସ୍ଥାୟୀ ଘର ନିର୍ମାଣ ପାଇଁ ବ୍ଲକରୁ ଅର୍ଥ ମଞ୍ଜୁର ହୋଇଥିଲା। ଏହାପରେ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ପଡ଼ାର ଲାଲଚନ ଧରୁଆ ନିଜ ୪ଡେସିମିଲ ରୟତ ଜମି ବିଡ଼ିଓଙ୍କ ନାମରେ ରେଜିଷ୍ଟ୍ରେଶନ କରିଥିଲେ । ଅନୁସୂଚିତ ଜନଜାତିଙ୍କ ଜମି ହୋଇଥିବା ଯୋଗୁ ପଦ୍ମପୁର ଉପଜିଲାପାଳଙ୍କଠାରୁ ଜମି ରେଜିଷ୍ଟ୍ରେଶନ ଅନୁମତି ମିଳିବା ପରେ ଜମି ରେକର୍ଡ଼ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅନ୍ୟ ଏକ ସ୍ଥାନରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗ୍ରାମବାସୀ ତାକୁ ବିରୋଧ କରିବା ସହିତ ଜିଲାପାଳ ଏବଂ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି କମିଶନକୁ ଫେରାଦ ହୋଇଥିଲେ। ଏହାସତ୍ତ୍ୱେ କିଛି ସୁଫଳ ମିଳି ନଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ନିକଟ ଭବିଷ୍ୟତରେ ସେମାନେ ଜିଲାପାଳ ଅଫିସ ଆଗରେ ଅନଶନରେ ବସିବେ ବୋଲି ପଡ଼ାର ଲାଲଚନ ଧରୁଆ, ପୁନିତରାମ ବାଗ, ଦଶରଥ ସୁନା, ଗୁରୁଜି ସୁନା, ଚତୁର ଧରୁଆ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### କୋଇଲା ଖଣିରେ ଦୁର୍ଘଟଣା: ଚାଳକ ମୃତ

**ଝାରସୁଗୁଡା ଅଫିସ,୧୧।୧:** ଏମ୍‌ସିଏଲ୍ ଲଖନପୁର ଖୋଲାମୁହଁ କୋଇଲା ଖଣି ଆଉଟ୍‌ଗେଟ୍‌ରେ ବୁଧବାର ଏକ ଟ୍ରକ୍ ଧକ୍କାରେ ଜଣେ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଝାଡଖଣ୍ଡ ନନ୍ଦିଆବଜାର ମାୟାପୁରର ସୋନୁ କୁମାର(୨୫)। ଦୁର୍ଘଟଣା ସ୍ଥଳରେ କାର୍ଯ୍ୟରତ ସୁରକ୍ଷାକର୍ମୀ ସୁଶାନ୍ତ କୁମାର ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ଲଖନପୁର ଥାନା ପୋଲିସ ଏକ ମାମଲା (ନଂ.୩/୨୩) ରୁଜୁକରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଓଆର୍‌୯ପି-୨୭୯୫ନଂ ଟ୍ରକ୍‌କୁ ପୋଲିସ୍ ଜବତ କରିବା ସହ ଚାଳକ ସେନ୍‌ତା ଗଞ୍ଜଙ୍କୁ ଅଟକ ରଖିଛି। ସୂଚନାମତେ ଓଆର୍‌୯ଏନ୍‌୧୪୯୬ନଂ ଟ୍ରକ୍ ଚାଳକ ସୋନୁ ଗାଡି ଛିଡାକରି ଚାଲିଚାଲି ଯାଉଥିବାବେଳେ ତାଙ୍କୁ ପଛରୁ ଟ୍ରକ୍ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ବେଲପାହାଡ ଟିଆର୍‌ଏଲ୍ କ୍ରୋସାକୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

### ମାଣ୍ଡିଆ ସଚେତନତା ରଥ ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ,୧୧।୧:** ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଦ୍ୱାରା ମିଲେଟ ସଚେତନତା ରଥର ଶୁଭ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣି ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଏଡିଓ ବଲବୀର ସିଂ, ଓଡିଶା ମିଲେଟ ମିଶନ ଜିଲା ପ୍ରକଳ୍ପ ସଂଯୋଜକ ଟିକେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗତ ଖରିଫ ଋତୁରେ ଅମଳ ହୋଇଥିବା ମାଣ୍ଡିଆର ସହଜ ବିକ୍ରି ପାଇଁ ଜିଲାର ୫ ବ୍ଲକରେ ପ୍ରଚାର ରଥ ବୁଲିବା ଯୋଜନା ରହିଥିବା ଜିଲାପାଳ ସୂଚନା ଦେଇଥିଲେ। ଚଳିତବର୍ଷ ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ ସରକାରଙ୍କ ତରଫରୁ କୁଇଣ୍ଟାଲ ପ୍ରତି ୩,୫୭୮ ଟଙ୍କା ରହିଛି। ୧୮ ମଣ୍ଡି ମାଧମରେ ଟିଡିକୋଲ ଦ୍ୱାରା ମାଣ୍ଡିଆ କ୍ରୟ କରାଯିବ। ଚାଷୀ ନିଜ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରିବା ପରେ ତିନିଦିନ ମଧରେ ଚାଷୀ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରେରଣ କରାଯିବା ବ୍ୟବସ୍ଥା ରହିଛି ବୋଲି କୁହାଯାଇଥିଲା। ଏଥିରେ ଲଇକେରା, କୋଲାବିରା, ଝାରସୁଗୁଡ଼ା, କିର୍ମିରା ଓ ଲଖନପୁର ବ୍ଲକର ମାଣ୍ଡିଆ ରଥ ସହିତ ଜିଲାର କୃଷକ, କୃଷି କର୍ମଚାରୀ, କର୍ମୀ ଯୋଗଦେଇଥିଲେ।

### ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

**ସମ୍ବଲପୁର,୧୧।୧(ବ୍ୟୁରୋ):** ବିଶିଷ୍ଟ ସାରସ୍ୱତ ସାଧକ, ଶିକ୍ଷାବିତ, ସାହିତ୍ୟକ, ଲେଖକ ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପଞ୍ଚଶାସନୀ ବ୍ରାହ୍ମଣ ସମାଜ ଗୋପାଳଜୀ ମଠ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଓଡ଼ିଆ ସାହିତ୍ୟ ଓ ସମ୍ବଲପୁରୀ ଭାଷାକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ସେ ଓଡ଼ିଆ ଓ ସମ୍ବଲପୁରୀ ଭାଷାରେ ୫୬ଟି ପୁସ୍ତକ ପ୍ରଣୟନ ସହ ପ୍ରାୟ ତିନିଶହ ପୁସ୍ତକର ମୁଖବନ୍ଧ ଲେଖିଛନ୍ତି। ତାଙ୍କ ରଚିତ ଭୁଖା ନାଟକ ପରେ ଚଳଚ୍ଚିତ୍ରରେ ରୂପାନ୍ତରିତ ହୋଇ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଆଣିଦେଇଥିଲା। ସଭାପତି ପଣ୍ଡିତ ଲକ୍ଷ୍ମଣ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଡ଼. ଶ୍ୟାମ ସୁନ୍ଦର ଧର, ବିଶ୍ୱନାଥ ନାୟକ, କୃଷ୍ଣଚନ୍ଦ୍ର ପତି, ପ୍ରସନ୍ନ କୁମାର କର, ପ୍ରଦୀପ୍ତ କୁମାର ନାଥ ଉପସ୍ଥିତ ଥିଲେ।

# ଉଜୁଡ଼ିବ ପୋତାପାଲି ଗ୍ରାମ୍ୟ ଜଙ୍ଗଲ

**ସମ୍ବଲପୁର,୧୧।୧(ବ୍ୟୁରୋ)**



ପୋତାପାଲି ବନୀକରଣରେ ଗଛରେ ପାଉଁଶ ଆସ୍ତରଣ ।

- ଗଛପତ୍ରରେ ଜମିଛି କମ୍ପାନୀରୁ ନିର୍ଗତ ପାଉଁଶ
- ପ୍ରଦୂଷଣ ବୋର୍ଡକୁ ଚିଠି ଲେଖିବ ବନ ବିଭାଗ

ସମ୍ବଲପୁର ବନଖଣ୍ଡ ଟାଉନ ରେଞ୍ଜ ଅଧୀନ ପୋତାପାଲି ଗ୍ରାମ୍ୟ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ବନୀକରଣ କରାଯାଇଛି। ମିଓ୍ୱାକି ପ୍ରଣାଳୀରେ ପ୍ରାୟ ୧୦ହଜାର ବିଭିନ୍ନ କିସମ ଚାରା ରୋପଣ କରାଯାଇଛି। ବର୍ଷକ ଭିତରେ ଟାଙ୍ଗରା ଭୂଇଁରେ ଜଙ୍ଗଲ ସୃଷ୍ଟି ହୋଇପାରିଛି। ହେଲେ ଏହା ଏବେ ଉଜୁଡିବାକୁ ବସିଛି। ନିକଟରେ ଥିବା ଏକ କମ୍ପାନୀରୁ ବାହାରୁଥିବା କଳା ଧୂଆଁ ଓ ପାଉଁଶ ଯୋଗୁ ବନୀକରଣ ନଷ୍ଟ ହେବାକୁ ବସିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଗଛ ପତ୍ରରେ ପାଉଁଶର ଆସ୍ତରଣ ଜମିରହିଛି। ଫଳରେ ବିଭିନ୍ନ ରୋଗ ପୋକ ଲାଗି ଗଛ ମରିଯିବା ଆଶଙ୍କା ରହିଛି।

ରାଜ୍ୟର ଦ୍ୱିତୀୟ ତଥା ସଫଳ ଯୋଜନା ହୋଇଥିବାରୁ ଜାନୁୟାରୀ ୩ରେ ପିସିସିଏଫ୍ ଦେବଦତ୍ତ ବିଶ୍ୱାଳ ଏହି ବନୀକରଣ ଯୋଜନା ପ୍ରରିଦର୍ଶନ କରିଥିଲେ। ଗଛଗୁଡିକର ଏଭଳି ଅବସ୍ଥା ଦେଖି କ୍ଷୋଭ ପ୍ରକାଶ କରିବା ସହ ଶୀଘ୍ର ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ସମ୍ବଲପୁର ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବରନଙ୍କୁ କହିଥିଲେ। ସ୍ଥାନୀୟ ଲୋକେ ମଧ କମ୍ପାନୀର ଏଭଳି କାର୍ଯ୍ୟକୁ ବିରୋଧ କରୁଛନ୍ତି। ସେମାନଙ୍କ କହିବା କଥା କମ୍ପାନୀ ଚାଲିବାରେ କୌଣସି ସମସ୍ୟା ନାହିଁ। ହେଲେ ସରକାରଙ୍କ ନୀତିନିୟମ ଓ ସ୍ଥାନୀୟ ଲୋକଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେବା ଉଚିତ। ଏ ସମ୍ପର୍କରେ ଏସିଏଫ୍ ତେଜରାଜ ନାଏକ କହିଛନ୍ତି, ବନୀକରଣ ଗଛଗୁଡିକରେ ପାଉଁଶର ଆସ୍ତରଣ ଜମିରହୁଛି। ଏହାକୁ ନେଇ ପ୍ରଦୂଷଣ ବିଭାଗକୁ ଚିଠି କରାଯିବ। ନିକଟରେ ଥିବା କମ୍ପାନୀକୁ ତାଗିଦ କରିବାକୁ ପ୍ରଦୂଷଣ ବିଭାଗକୁ ଅନୁରୋଧ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ବନଖଣ୍ଡ ଟାଉନ ରେଞ୍ଜ ଅଧୀନରେ ୨୦୨୧ ଅଗଷ୍ଟରୁ ଲଣ୍ଡା ପାହାଡରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। ପ୍ରାୟ ୭୦ ପ୍ରକାର ବିଭିନ୍ନ ଗଛ ରୋପଣ କରାଯାଇଛି। ଜୈବିକ ପଦ୍ଧତିରେ ଚାରାଗୁଡିକର ଯତ୍ନ ନିଆଯାଇଥିଲା। ଚାରା ରୋପଣ ସମୟରେ ମୃତ୍ତିକା ପରୀକ୍ଷାଠାରୁ ଆରମ୍ଭ କରି କୀଟନାଶକ ପ୍ରୟୋଗ ସହ ଯତ୍ନ ଦିଆଯାଇଥିଲା। ଫଳରେ ଧାର୍ଯ୍ୟ ଏକବର୍ଷ ଭିତରେ ପ୍ରାୟ ଏକ ହେକ୍ଟର ଜମିରେ ଏଭଳି ଜଙ୍ଗଲ ସୃଷ୍ଟି ହୋଇପାରିଛି। ଆଗକୁ ପର୍ଯ୍ୟଟକଙ୍କ ପାଇଁ ସୁବିଧା କରାଯାଇ ଖୋଲାଯିବାକୁ ବନ ବିଭାଗ ଯୋଜନା କରିଛି। ହେଲେ ଏବେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି ବନ ବିଭାଗର ଲକ୍ଷ୍ୟ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

# ଲୋକ ମହୋତ୍ସବ: ସମ୍ମାନିତ ବ୍ୟକ୍ତିଙ୍କ ତାଲିକା ପ୍ରକାଶ

**ସମ୍ବଲପୁର,୧୧।୧(ବ୍ୟୁରୋ)**

ସମ୍ବଲପୁର ଲୋକ ମହୋତ୍ସବର ସମ୍ବର୍ଦ୍ଧନା ଉପସମିତି ପକ୍ଷରୁ ବୈଠକ କରାଯାଇ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ନାମ ତାଲିକା ପ୍ରକାଶ କରାଯାଇଛି। ଉପସମିତିର ଆବାହକ ସୂର୍ଯ୍ୟ ପାଣିଗ୍ରାହୀ, ନୋଡାଲ ଅଧିକାରୀ ପୁଷ୍ପଶ୍ରୀ ନାୟକ, ସ୍ମରଣିକା ତୁଲୋ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗରୁ ଜଣେ ଲେଖାଏ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପାଇଁ ଚୟନ କରାଯାଇଛି। ସେମାନେ ହେଲେ ପାରମ୍ପରିକ ଲୋକକଳାରେ କୃଷ୍ଣଗୁରୁରେ ଯମୁନା ବିଶ୍ୱାଳ, ଲୋକଗୀତରେ ଭୋଜରାଜ ପରୁଆ, ଲୋକନୃତ୍ୟରେ ଗାନ୍ଧୀ ବାରିକ, ଲୋକ ସଙ୍ଗୀତରେ ଚିତ୍ତରଞ୍ଜନ ବେହେରା, ନାଟକରେ ଶୈଳେସ ଚନ୍ଦ୍ର ପଟ୍ଟନାୟକ, ଲୋକସାହିତ୍ୟରେ ଶ୍ୟାମସୁନ୍ଦର ଧର।



ମହୋତ୍ସବ ଉପସମିତି ପକ୍ଷରୁ ତାଲିକା ପ୍ରକାଶ କରାଯାଉଛି।

# ଖବରଦାତାଙ୍କୁ ଦୁର୍ବ୍ୟବହାର

**ସମ୍ବଲପୁର,୧୧।୧(ବ୍ୟୁରୋ)**

**ମହିଳା ଡାକ୍ତରଙ୍କ ପାଲଟା ଅଭିଯୋଗ**

ସମ୍ବଲପୁର ଜିଲା ରେଙ୍ଗାଲି ପ୍ରାଥମିକ ଡାକ୍ତରଖାନାରେ ବିଭିନ୍ନ ସମସ୍ୟା ଓ ଡାକ୍ତରଙ୍କ ଅନୁପସ୍ଥିତି ନେଇ ମତାମତ ସଂଗ୍ରହ କରିବା ସମୟରେ ଜଣେ ମହିଳା ଡାକ୍ତର ଖବରଦାତାମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳା ଡାକ୍ତର ମଧ ଖବରଦାତାଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଉକ୍ତ ଡାକ୍ତରଖାନାର ଡାକ୍ତର ହରପ୍ରିୟା ନାଏକଙ୍କୁ ଡାକ୍ତରଖାନାକୁ ବିଳମ୍ବରେ ଆସିବା କାରଣ, ରୋଗୀ ସେବାରେ ବ୍ୟତିକ୍ରମ ଓ ଖରାପ ବ୍ୟବହାର କରିବା ନେଇ ଖବରଦାତା ଦିନେଶ ମହାନା, ହିମାଂଶୁ ଦାଶ, ଜଗନ୍ନାଥ ମେହେର ମତାମତ ଲୋଡୁଥିଲେ। ହେଲେ ଡାକ୍ତର ନାଏକ ବୁମ ହଟାଇବାକୁ କହି ରୋଗୀମାନଙ୍କୁ ସିଧାସଳଖ ପଚାର, ମୋର କାମ ଠିକ୍ ଭାବେ ପରିଚାଳନା କରୁଛି, କାର୍ଯ୍ୟରେ ଅବହେଳା କରୁ ନାହିଁ, ଯଦି କୌଣସି ସମସ୍ୟା ରହିଛି ତା’ହେଲେ ଫୋରମରେ ଯାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପାଖରେ ଅଭିଯୋଗ କର ବୋଲି କହୁଥିବା ଭିଡିଓରେ ଦେଖାଯାଇଛି। ଏହାସହ ରାଗିଯାଇ ଖବରଦାତାମାନେ ଧରିଥିବା ବୁମ୍‌କୁ ଠେଲି ଦେଇଥିଲେ। ଏ ନେଇ ଉପରୋକ୍ତ ୩ ଖବରଦାତା ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଡାକ୍ତର ନାଏକ ମଧ ଖବରଦାତାମାନଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ରୋଗୀ ଦେଖିବା ସମୟରେ ମାନସିକ ଚାପ ଦେଉଥିଲେ। ସେମାନେ ବିନା ଅନୁମତିରେ ମେଡିକାଲରେ ପ୍ରବେଶ କରିଥିଲେ। ଏହାଦ୍ୱାରା ରୋଗୀମାନଙ୍କ ସମସ୍ୟା ହୋଇଥିଲା ବୋଲି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ କହିଛନ୍ତି, ଉଭୟଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ପୃଥକ୍ ମାମଲା (ନଂ.୮,୯/୨୩) ରୁଜୁ କରାଯାଇ ଘଟଣା ତଦନ୍ତ କରାଯାଉଛି।

# ବିଶ୍ୱକପ ହକିରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ

**ସମ୍ବଲପୁର,୧୧।୧(ବ୍ୟୁରୋ)**

ଆସନ୍ତା ୧୩ ତାରିଖଠାରୁ ହକି ବିଶ୍ୱକପ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଷ୍ଟାଡିୟମ ସହ ଏହାର ଆଖପାଖ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିକଟ ଛେଣ୍ଡ, କଳିଙ୍ଗନଗର, ଶିଳ୍ପାଞ୍ଚଳ ପାୱାର ଷ୍ଟେଶନକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଛି। ଏହାଛଡା ଓପିଟିସିଏଲ- ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେଶନରୁ ଯେଉଁଭଳି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହୋଇପାରିବ ସେ ନେଇ ବ୍ୟବସ୍ଥା କରାଯାଇଛି। ହକି ଷ୍ଟାଡିୟମ ନିକଟରେ ଏକ ଗ୍ରୀଡ୍ ସ୍ଥାପନ କରାଯାଇଛି। ଯଦ୍ୱାରା ଷ୍ଟାଡିୟମ ଓ କ୍ରୀଡା ଛାତ୍ରାବାସକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦିଆଯିବ। ସେହିପରି ରକ୍ଷଣାବେକ୍ଷଣ ପାଇଁ ୨୪ ଘଣ୍ଟିଆ ଏକ ଟିମ୍ ନିଯୁକ୍ତି କରାଯାଇଛି। ରାଉରକେଲା ସହର ଓ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ସହ କୁଶଳୀ ଯନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଇଛି ବୋଲି ପ୍ରେସ ବିବୃତ୍ତିରେ ସୂଚନା ଦିଆଯାଇଛି।

### ଲୋକକଳାର ପୁନରୁଦ୍ଧାର ପାଇଁ ଆଲୋଚନାଚକ୍ର

**କୁଚିଣ୍ଡା,୧୧।୧(ଡି.ଏନ.ଏ.)**

୨୫ ତମ ଲୋକ ମହୋତ୍ସବ ଅବସରରେ କୁଚିଣ୍ଡା ଉପଖଣ୍ଡରୁ ହଜିଯାଉଥିବା ଲୋକକଳା ଓ ତା’ର ପୁନରୁଦ୍ଧାର ନେଇ ଲୋକମହୋତ୍ସବ କମିଟି ପକ୍ଷରୁ କୁଚିଣ୍ଡା ମହାବିଦ୍ୟାଳୟଠାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳର ଲୋକକଳା, ସଂସ୍କୃତି ବିଷୟରେ ଛାତ୍ରୀଛାତ୍ର ଗବେଷଣା କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱପ୍ରସିଦ୍ଧ ରଙ୍ଗବତୀ ଗୀତର ସ୍ରଷ୍ଟା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁଚିଣ୍ଡା ଉପଖଣ୍ଡ ଅଞ୍ଚଳର ଖଣ୍ଡୋକଟା ଗ୍ରାମଟି କଳାକାରମାନଙ୍କ ପାଇଁ ସମ୍ମାନ ଆଣିଥିବା ବେଳେ ବନ୍ଦ ହୋଇଯାଇଥିବା ଗୁଦଗୁଦା ମହୋତ୍ସବର ପୁନଃ ପ୍ରଚଳନ ପାଇଁ ଜିଲାପାଳଙ୍କୁ ଦାବି କରିଥିଲେ। ପ୍ରମୁଖ ବକ୍ତାରୂପେ ଡ. ଦ୍ୱାରିକାନାଥ ନାୟକ ଓ ଅତୁଲ୍ୟ ମହାଖୁଡ଼ ଯୋଗଦେଇଥିଲେ। ଆବାହକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ନାଟ୍ୟକାର ସୁରଥ ନାୟକ, ଉପଜିଲାପାଳ ବିଭୁତିଭୂଷଣ ନାଏକ, ଏନଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ପୂର୍ଣ୍ଣେନ୍ଦୁ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଜିଲା ସାମ୍ବାଦିକ ୟୁନିୟନର ଦ୍ୱିବାର୍ଷିକ ବୈଠକ




ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**କୁଚିଣ୍ଡା,୧୧।୧(ଡି.ଏନ.ଏ.)**

ବାମରା ବ୍ଲକ ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲା ସାମ୍ବାଦିକ ୟୁନିୟନର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରଭାତ କୁମାର ବେହେରାଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ଓଡ଼ିଶା ସାମ୍ବାଦିକ ୟୁନିୟନର ସାଧାରଣ ସମ୍ପାଦକ ଅଶୋକ କୁମାର ନନ୍ଦ, କୋଷାଧକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ, ରାଜ୍ୟ ସଦସ୍ୟ ସଚିକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବ୍ଲକ ସଭାପତି ଓ ସମ୍ପାଦକ ନିଜ ବ୍ଲକର ସାଂଗଠନିକ ସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ। ପରେ ସର୍ବସମ୍ମତି କ୍ରମେ ନୂତନ ଜିଲା କମିଟି ଗଠନ କରାଯାଇଥିଲା। ପ୍ରଭାତ ବେହେରା ସଭାପତି, ଦିନେଶ ମାହାନା ଓ ସତୀଶ ମିଶ୍ର ଉପସଭାପତି, ଶରତ ପ୍ରଧାନ ସାଧାରଣ ସମ୍ପାଦକ, କ୍ଷିତି ରଞ୍ଜନ ପ୍ରଧାନ ଓ ତପନ ଦାସ ସମ୍ପାଦକ, ହେମନ୍ତ ରାଉତ କୋଷାଧକ୍ଷ, ରାଜେନ୍ଦ୍ର ନାୟକ ସଂଗଠନ ସମ୍ପାଦକ, ସଞ୍ଜୟ ମିଶ୍ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସଚ୍ଚିଦାନନ୍ଦ ସାହୁ ଜାତୀୟ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା ଭାବେ ଜୟନ୍ତ ଖଡ଼ିରତ୍ନ, ଦୁର୍ଗା ଶଙ୍କର ବାଗ, ହରିହର ନାଥ, ଦେବେନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲା ପରିଷଦ ଅଧକ୍ଷା କୁମୁଦିନି ନାୟକ ମୁଖ୍ୟଅତିଥି, ବାମରା ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ ସମ୍ମାନିତ ଅତିଥିଭବେ ଯୋଗ ଦେଇଥିଲେ। ଏହି ଅବସରରେ ଖବରଦାତାଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଗ୍ରାମୀଣ ଫୁଟ୍‌ବଲ: ଜଲ୍‌ଦା ଚାମ୍ପିୟନ

**ରାଉରକେଲା ଅଫିସ,୧୧।୧**

ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର ବିଭାଗ ଦ୍ୱାରା ଲାଠିକଟା ବ୍ଲକ ଟାଇଁସର ଗ୍ରାମରେ ଜୋନାଲସ୍ତରୀୟ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଜଲଦା ଏକାଦଶ ଚାମ୍ପିୟନ ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପିର ପାଇପ ପ୍ଲାଣ୍ଟ ବିଭାଗର ସିଜିଏମ୍ କାର୍ତ୍ତିକେୟ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଆରଏସ୍‌ପିର ଏସଏମଏସ-୨ ବିଭାଗର ଜିଏମ ଅଜିତ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଜଲଦା ଏକାଦଶ ଦଳ ଫାଇନାଲରେ ସାନ ମାରାଇନ ଗ୍ରାମର ଏସୱାଇଏସ ଶକ୍ତି କ୍ଲବକୁ ୨-୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଗର୍ଜନ ଗ୍ରାମର ଶୁକ୍ରାଟୋଲା ଓ ଲାଠିକଟାର ଏଫ୍‌ସି ଦଳ ତୃତୀୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ସେହିଭଳି ରନର୍ସ ଅପ୍ ଦଳ ଏସ୍‌ୱାଇଏସ୍ ଶକ୍ତି କ୍ଲବକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ତୃତୀୟ ଓ ଚତୁର୍ଥ ଦଳକୁ ଯଥାକ୍ରମେ ୪ ହଜାର ଓ ୩ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବେ ପରମେଶ୍ୱର ତିର୍କୀ, ଶ୍ରେଷ୍ଠ ସ୍କୋରର ଭାବେ ଅମଣ ବାରା, ଶ୍ରେଷ୍ଠ ଗୋଲରକ୍ଷକ ଭାବେ ରାଜୀବ ସିଂ, ଶ୍ରେଷ୍ଠ ଡିଫେଣ୍ଡ ଭାବେ ଅଙ୍କିତ ଗୁପ୍ତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆରଏସ୍‌ପିର ସିଏସଆର ବିଭାଗର ଜିଏମ ମୁନମୁନ ମିତ୍ର ସାମବେଶକୁ ସ୍ୱାଗତ କରିଥିଲେ। ବିଭାଗର ସିନିୟର ମ୍ୟାନେଜର ଏ. ଏନ ପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସିନିୟର ଫିଲ୍ଡ ଇନଷ୍ଟ୍ରକଟରର ବେନେଦିକ୍ଟ ଏକ୍କା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ବିଭାଗର ଏଜିଏମ ଟି.ବି ଟୋପୋ ଧନ୍ୟବାଦ ଅର୍ପଣ କରିଥିଲେ।

### ଡିଏଚ୍‌ଏଚ୍‌କୁ ଗିଜର୍ ମେଶିନ ପ୍ରଦାନ

**ଝାରସୁଗୁଡ଼ା ଅଫିସ,୧୧।୧**

ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନେ ଗରମ ପାଣି ପାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଜିଲା ଶାଖା ତରଫରୁ ବୁଧବାର ପ୍ରସୁତି ବିଭାଗକୁ ଏକ ଗିଜର୍ (ପାଣି ଗରମ କରିବା ଯନ୍ତ୍ର) ପ୍ରଦାନ କରାଯାଇଛି। ଏହାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଏମ୍.ଏମ୍. ପଣ୍ଡା ଓ ଚିକିତ୍ସାଳୟ ମ୍ୟାନେଜର କୁମାର ଅଭିଷେକଙ୍କୁ ଏହି ମେଶିନ ହସ୍ତାନ୍ତର କରାଯାଇଛି । ଏହି ସମୟରେ ସଂଘ ସମ୍ପାଦକ ଦେବାନନ୍ଦ ବାରିକ, ସହସମ୍ପାଦକ ଇନ୍ଦିରା ତନ୍ତି, ଜଗଦୀଶ ସିନ୍ଧିରିଆ, ପ୍ରବୀଣ ସୁନାନୀ, ଭାସ୍କର ଦାସ, ବାବଲୁ ସେମିଲିଆ, ଆରତୀ ସାହୁ, ତିରୋଦ ଆରେ ପ୍ରମୁଖ ଉପସ୍ଥିତ ଥିଲେ ।

# ହିଣ୍ଡାଲ୍‌କୋ କୌଶଳ ବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ

**ସମ୍ବଲପୁର,୧୧।୧(ବ୍ୟୁରୋ)**

ସମ୍ବଲପୁର ଜିଲା ହୀରାକୁଦର ହିଣ୍ଡାଲ୍‌କୋ ପରିଚାଳିତ ଆଦିତ୍ୟ ବିର୍ଲା କୌଶଳ ବିକାଶ କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ଦିଗ୍‌ଦର୍ଶନରେ ଏହା ଆୟୋଜିତ ହୋଇଥିଲା। ଏହି କେନ୍ଦ୍ର ଦଶମରୁ ଉର୍ଦ୍ଧ୍ୱ ପାଠ ପଢିଥିବା ଯୁବତୀ ଯୁବକଙ୍କୁ ମାଗଣାରେ ଜୀବିକା ନିର୍ବାହ ପାଇଁ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରୁଛି। ଅନୁଷ୍ଠାନର ମୁଖ୍ୟ ପରିଚାଳକ ଡ. ଅଶ୍ୱିନୀ କୁମାର ପାଢ଼ୀ ଅତିଥି ପରିଚୟ ଓ ପରିଚାଳକ ମନୋରଞ୍ଜନ ମହାକୁଡ ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ହିଣ୍ଡାଲକୋର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଜିତ କୁମାର ପଣ୍ଡା, ମିଳନ କୁମାର ସାହୁ, ସ୍ୱପ୍ନା ସ୍ୱାଇଁ ସହଯୋଗ କରିଥିଲେ।

# ନକ୍‌ଆଉଟ ଫୁଟ୍‌ବଲ: ହାଡ଼ିପାଲି ଚାମ୍ପିୟନ

**ରେଙ୍ଗାଲି,୧୧।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗା ନେହେରୁ ଯୁବକ ସଂଘ ପକ୍ଷରୁ ତ୍ରିଦିବସୀୟ ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଖିଣ୍ଡା ଦଳକୁ ହରାଇ ହାଡ଼ିପାଲି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି, ଠେଲାକଲୋଇ ଥାନ ଅଧିକାରୀ ବିଭୁତି ଦଳେଇ, ନେହେରୁ ଯୁବକ ସଂଘ ସଭାପତି ତଥା ଲପଙ୍ଗା ସମିତି ସଭ୍ୟ କିରଣ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ହଜାର ଓ ଉପବିଜେତା ଖିଣ୍ଡା ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଚାରଭାଟି ଚାମ୍ପିୟନ

**ସମ୍ବଲପୁର,୧୧।୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମିଗାମୁଣ୍ଡା ଗ୍ରାମ ଖେଳପଡିଆରେ ରବିବାର ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ପକ୍ଷରୁ ୨୫ତମ ନିତ୍ୟାନନ୍ଦ ସ୍ମାରକୀ ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଟ୍ରାଇବ୍ରେକର ଜରିଆରେ କବରାପାଲିକୁ ୫-୪ ଗୋଲରେ ହରାଇ ଚାରଭାଟି ଦଳ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ସଭାରେ ଅବସରପ୍ରାପ୍ତ କମିଶନର ସୁଧାକର ରଥ ମୁଖ୍ୟଅତିଥି ଓ ଜଗନ୍ନାଥ ଦୀକ୍ଷିତ, ଅଶୋକ ପ୍ରଧାନ, ଅମ୍ବରିଶ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ୧୬ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୧୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଜୟ ଓରାମ, ପରେଶ ମିଦ୍ଧା, ଲିଙ୍ଗରାଜ ପ୍ରଧାନ, ରାଜାରାମ ଓରାମ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ରାସ୍ତା ନିର୍ମାଣ ଆଜିଠାରୁ

- ତ୍ରିପାକ୍ଷିକ ବୈଠକରେ ନିଷ୍ପତ୍ତି
- ରାସ୍ତା ଅବରୋଧ କରିଥିଲେ ଅଞ୍ଚଳବାସୀ

**ଝାରସୁଗୁଡ଼ା ଅଫିସ,୧୧।୧**

ଲଖନପୁର ବ୍ଲକ୍ ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ ପମ୍ପହାଉସରୁ ଛଡାରମା ଗ୍ରାମ ପର୍ଯ୍ୟନ୍ତ ୬କି.ମି. ରାସ୍ତା ଆର୍‌ଡି ବିଭାଗ ତରଫରୁ ନିର୍ମାଣାଧୀନ ରହିଛି। ରାସ୍ତାରେ ଏନ୍‌ଟିପିସି ଓ ଓ୍ୱାପ୍‌କୋର ଭାରିଯାନ ଚଳାଚଳ ଯୋଗୁ ମେଟାଲ ଉଠିଯାଇ ଶୋଚନୀୟ ହୋଇପଡିଛି। ଫଳରେ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି । ଏଥିରେ ଅସନ୍ତୋଷ ପ୍ରକାଶ କରି ମଙ୍ଗଳବାର ଶତାଧିକ ମହିଳାପୁରୁଷ ରାସ୍ତା ଅବରୋଧ କରିଥିଲେ। ବନହରପାଲି ଥାନା ପୋଲିସ୍ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏପରିସ୍ଥଳେ ଆଇଆଇସି ଆନ୍ନା ମଞ୍ଜୋଙ୍କ ଆବାହକତ୍ୱରେ ବନହରପାଲି ଥାନାରେ ବୁଧବାର ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଟିପିସିର ଡେପୁଟି ମ୍ୟାନେଜର ହରିନାରାୟଣ ଶର୍ମା, ଆସିଷ୍ଟାଣ୍ଟ ମ୍ୟାନେଜର ସୁଧିର ପାଣି, ଓ୍ୱାପ୍‌କୋ ଜିଏମ୍ ତପନ ପ୍ରଧାନ, ଆର୍‌ଡି କନିଷ୍ଠଯନ୍ତ୍ରୀ ଖଗେଶ୍ୱର ମେହେର, ବ୍ଲକ୍ ଉପଧ୍ୟକ୍ଷ ଅରୁଣ ପ୍ରଧାନ, ସରପଞ୍ଚ ଆକାଶ ସାହୁଙ୍କ ସମେତ ଅଞ୍ଚଳବାସୀ ଯୋଗଦେଇଥିଲେ।



ବନହରପାଲି ଥାନାରେ ଚାଲିଥିବା ତ୍ରିପାକ୍ଷିକ ବୈଠକ।

ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବା ସହ ରାସ୍ତା କାମ ସମ୍ପୂର୍ଣ୍ଣ କରିବାପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଥିଲା। ଏହି ଅର୍ଦ୍ଧନିର୍ମିତ ରାସ୍ତା ନିର୍ମାଣ କାମ ଗୁରୁବାରଠାରୁ ଆରମ୍ଭ ହେବ। ରାସ୍ତାକାମ ନ ସରିବା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ସୂଚନାଯୋଗ୍ୟ ଏନ୍‌ଟିପିସିର ସୁନ୍ଦରଗଡ ଜିଲା ଦର୍ଲିପାଲି ନିକଟରେଥିବା ବୃହତ ତାପଜ ବିଦ୍ୟୁତ କେନ୍ଦ୍ରକୁ ହୀରାକୁଦ ଜଳଭଣ୍ଡାରରୁ ପାଇପ୍ ଯୋଗେ ପାଣି ଯାଉଛି । ଏଥିପାଇଁ ଜଳଭଣ୍ଡାର ପାଦଦେଶରେ ଥିବା ଛଡାରମା ଗ୍ରାମରେ ଏନ୍‌ଟିପିସି ଓ ଓ୍ୱାପ୍‌କୋ ତରଫରୁ ୨ବୃହତ ପମ୍ପହାଉସ ନିର୍ମାଣ ଚାଲିଛି। ଏଥିପାଇଁ ଅହରହ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି ।

